ବର୍ଷ-୨୬, ସଂଖ୍ୟା-୧୧୮
ଭୁବନେଶ୍ୱର
୦୧ ମଇ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.୧୧୮
Bhubaneswar
01 May, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

**ଛୁଟି ଘୋଷଣା**
ବିଶ୍ୱ ଶ୍ରମିକ ଦିବସ ଅବସରରେ ଦୈନିକ 'ମହାଭାରତ' କାର୍ଯ୍ୟାଳୟ ବନ୍ଦ ରହୁଥିବାର ପରବର୍ତ୍ତୀ ସଂସ୍କରଣ ୩ ତାରିଖରେ ପ୍ରକାଶ ପାଇବ।
-ପରିଚାଳକ



# ବିରୋଧୀଙ୍କୁ ପ୍ରକୃତ ମହିଳା ସଶକ୍ତିକରଣ ପାଠ ପଢ଼ାଇଲେ ମୁଖ୍ୟମନ୍ତ୍ରୀ

## ଏସଏଚଜି ଗଠନ କରିଦେଲେ ମହିଳାମାନେ ସଶକ୍ତି ହୋଇପାରିବେନି

## 'କଙ୍କାଳ' ପ୍ରସଙ୍ଗ ଉଠାଇ ଶାସକ ଦଳକୁ ଟାର୍ଗେଟ୍ କଲେ ନବୀନ

## ଦାନ ମାଝୀ ପ୍ରସଙ୍ଗ ଉଠାଇଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,୩୦।୪(ମହାଭାରତ): ଆଜି ବିଧାନସଭାର ଏହି ବିଶେଷ ଦିନିକିଆ ଅଧିବେଶନରେ 'ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ' ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଗୃହରେ କହିଛନ୍ତି ଯେ, ଆଶା କରୁଛି, ଏହି ସମ୍ବେଦନଶୀଳ ବିଷୟବସ୍ତୁ ଉପରେ ଗୃହର ମାନ୍ୟବର ସଦସ୍ୟ ଓ ସଦସ୍ୟାମାନେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବେ।

ମୁଁ ସର୍ବ ପ୍ରଥମେ ଗୃହକୁ ଜଣାଇବାକୁ ଚାହେଁ ଯେ ଆଜିର ଏହି ଅଧିବେଶନ କେବଳ ନାରୀ ଶକ୍ତି ବନ୍ଦନ ଅଧିନିୟମ ସଂକ୍ରାନ୍ତରେ ନୁହେଁ। ଆଜିର ଅଧିବେଶନ ମହିଳା ସଶକ୍ତିକରଣ, ବିଶେଷଭାବେ ରାଜନୈତିକ ସଶକ୍ତିକରଣ ବିଷୟରେ ଆଲୋଚନା ପାଇଁ ଆହୁତ କରାଯାଇଛି। ଆଜି ଆମ ଦେଶ ଏକ ବିଶେଷ ପରିସ୍ଥିତି ଦେଇ ଗତି କରୁଛି। ସମ୍ବିଧାନ ପ୍ରଣିତ ହେବାର ୭୫ ବର୍ଷ ପୁରିଛି, ଦେଶରେ ଅନେକ ପ୍ରଗତି ହୋଇଛି। କିନ୍ତୁ, ଦେଶର ଅଧା ଜନସଂଖ୍ୟା ଆଜି ନିଜକୁ ଠକି ହେଲା ପରି ମନେ କରୁଛନ୍ତି।

ଗତ କିଛି ଦଶନ୍ଧି ଧରି ସବୁ ରାଜନୈତିକ ଦଳ ମହିଳା ସଶକ୍ତିକରଣ ବିଷୟରେ ଆଲୋଚନା କରୁଛନ୍ତି। କିନ୍ତୁ, ତାଙ୍କ ପାଇଁ ମହିଳା ସଶକ୍ତିକରଣର ସଂଜ୍ଞା ଅତି ସଙ୍କୁଚିତ। କାରଣ, ତାଙ୍କ ପାଇଁ ମହିଳା ସଶକ୍ତିକରଣର ଅର୍ଥ ହେଉଛି କେବଳ ଅର୍ଥନୈତିକ ସ୍ତରରେ ଆତ୍ମନିର୍ଭରଶୀଳତା।ତେଣୁ, ଏସଏଚଜି ଗଠନ କରି କିଛି ଟଙ୍କା ଦେଇଦେଲେ ସେମାନେ ଭାବନ୍ତି ଯେ ମହିଳାମାନେ ସଶକ୍ତ ହୋଇଗଲେ। କିନ୍ତୁ, ଏହା ଏକ ଭ୍ରାନ୍ତ ଧାରଣା। ସଶକ୍ତିକରଣର ପ୍ରକୃତ ସଂଜ୍ଞା ହେଉଛି ନିଜେ ନିଜ ପାଇଁ, ପରିବାର ପାଇଁ ଏବଂ ସମାଜ ପାଇଁ ନିଷ୍ପତ୍ତି ନେବାର ଅଧିକାର। ତେଣୁ, ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ସଶକ୍ତିକରଣ ହେବା ହିଁ ହେଉଛି ପ୍ରକୃତ ଅର୍ଥରେ ମହିଳା ସଶକ୍ତିକରଣ। ଦେଶ ସ୍ୱାଧୀନ ହେବାର ପ୍ରାୟ ୮୦ ବର୍ଷ ହୋଇ ଗଲାଣି। ଏହି ଆଠ ଦଶକରେ ଆମ ଦେଶର ଝିଅ ଓ ମହିଳାମାନେ ସବୁ କ୍ଷେତ୍ରରେ ପାରଙ୍ଗମ ହାସଲ କରିସାରିଛନ୍ତି। ସେମାନେ ଘର ଚଳାଇବା ସହିତ ଅଟୋ-ବସ ଚଳାଇବା ଠୁ ଆରମ୍ଭ କରି ଫାଇଟର ପ୍ଲେନ୍ ଉଡାଉଛନ୍ତି। ଆପଣଙ୍କର ମନେଥିବ, ବାଲାକୋଟ ଆକ୍ରମଣ ପରେ ଭରତ-ପାକିସ୍ତାନ ମଧ୍ୟରେ ଯେଉଁ ବିମାନ ଯୁଦ୍ଧ ହୋଇଥିଲା ପାକିସ୍ତାନର ଫାଇଟର ଜେଟ ଏଫ୍-୧୬ ଖସାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଭାରତୀୟ ବାୟୁସେନାର ଜଣେ ସାହସୀ ଓ ଦକ୍ଷ ରାଡାର ଇଞ୍ଜିନିୟର।

ସେହିପରି ଅପରେସନ ସିନ୍ଦୁର ସମୟରେ ଭାରତୀୟ ସେନାର ଚେହେରା ଥିଲେ କୋଲୋନେଲ ସୋଫିଆ କୁରେଶୀ ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ। ଏହାହିଁ ହେଉଛି ଆଧୁନିକ ଭାରତର ନାରୀଶକ୍ତି। ଶିକ୍ଷା କ୍ଷେତ୍ରରେ ମହିଳାଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ। ୟୁଡିସେ+ ର ତଥ୍ୟ ଅନୁସାରେ ୨୦୨୩-୨୪ ବର୍ଷ ପାଇଁ ସ୍କୁଲ ଶିକ୍ଷାରେ ୫୩.୩ ପ୍ରତିଶତ ହେଉଛନ୍ତି ଶିକ୍ଷୟତ୍ରୀ ଏବଂ ଉଚ୍ଚ ଶିକ୍ଷାରେ ଅଧ୍ୟାପିକାଙ୍କ ସଂଖ୍ୟା ହେଉଛି ୪୩ ପ୍ରତିଶତ। ଅର୍ଥାତ, ଦେଶର ଶିକ୍ଷାଦାନ ବ୍ୟବସ୍ଥା ଅଧିକାଂଶ ଭାବେ ମହିଳାଙ୍କ କାନ୍ଧ ଉପରେ ନ୍ୟସ୍ତ। ଯେଉଁମାନେ ଦେଶର ଭବିଷ୍ୟତ ଗଠନ କରୁଛନ୍ତି, ଯେଉଁମାନେ ଦେଶର ଭାବି ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ନେତା ବନେଇବାରେ ମୂଳଦୁଆ ରଖୁଛନ୍ତି ସେମାନେ କ'ଣ ଦେଶର ନେତୃତ୍ୱ ନେଇ ପାରିବେ ନାହିଁ? ଆଜିର ନାରୀଶକ୍ତି ଅସାଧ୍ୟ ସାଧନ କରିବାରେ ସମର୍ଥ। ତାଙ୍କୁ କେବଳ ଆବଶ୍ୟକ ଏକ ସମାନ ସୁଯୋଗ, ଲେବଲ୍ ପ୍ଲେଙ୍ଗ ଫିଲ୍ଡ। କିନ୍ତୁ, ଆମ ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳାଙ୍କୁ ସୁଯୋଗ ଦେବା ପାଇଁ ସବୁବେଳେ କିଛି ନା କିଛି ଅନ୍ତରାୟ ସୃଷ୍ଟି କରାଯାଇଥାଏ।

ଯଦି ମୁଁ ଉଦାହରଣ ଦେବି, ସାଂସଦ ଓ ବିଧାନସଭାରେ ମହିଳାଙ୍କୁ ଆରକ୍ଷଣ ଦେବା ପ୍ରସଙ୍ଗ। କେତେବେଳେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ହେଉ ତ ଆଉ କେତେବେଳେ ମୁସ୍ଲିମ ମହିଳାଙ୍କ ପାଇଁ



ଆରକ୍ଷଣ ଦାବି ଆଳରେ ଏହି ମାନସିକତା ତାଙ୍କୁ ଉଚିତ ନ୍ୟାୟ ଦେବାରେ ଅବହେଳା କରିଛନ୍ତି। ଏ ଗୃହର ସଦସ୍ୟ ଓ ସଦସ୍ୟାମାନେ ଜାଣିଛନ୍ତି ଯେ ଭାରତୀୟ ଜନତା ପାର୍ଟି ସବୁବେଳେ ସବୁ ସମୟରେ ମହିଳା ଆରକ୍ଷଣ ବିଲକୁ ସମର୍ଥନ କରି ଆସିଛି। କଂଗ୍ରେସ ଦଳର ବନ୍ଧୁଗଣ ଏଠାରେ ଉପସ୍ଥିତ ଅଛନ୍ତି। ତାଙ୍କ ଦଳର ୧୯୮୪ ମସିହାରେ ଲୋକସଭାରେ ୪୧୪ ସିଟ ଏବଂ ରାଜ୍ୟ ସଭାରେ ୧୫୯ ଟି ସିଟ ଥିଲା।ଦୁଇ ତୃତୀୟାଂଶ ନୁହେଁ, ତିନି-ଚତୁର୍ଥାଂଶ ଆସନ ଥିଲା କଂଗ୍ରେସର। କିନ୍ତୁ, କାହିଁକି ସେମାନେ ଏହି ମହତ୍ୱପୂର୍ଣ୍ଣ ବିଲକୁ ପାଶ କରି ନ ଥିଲେ। ଆଜି ଯେଉଁମାନେ ଆମ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି, ସେମାନେ ନିଜର ଇତିହାସ ଜାଣିବା ଆବଶ୍ୟକ। ଏଠାରେ ଆମର ବିଜୁ ଜନତା ଦଳର ମାନ୍ୟବର ସଦସ୍ୟ ସଦସ୍ୟାମାନେ ଅଛନ୍ତି। ସେମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ୫୦ ପ୍ରତିଶତ ମହିଳା ସଂରକ୍ଷଣକୁ ନେଇ ବାହାବା ଲୁଟିବାକୁ ଚେଷ୍ଟା କରୁଛନ୍ତି, ଆଜି ବି ଆଲୋଚନା ସମୟରେ ସେମାନେ ତାହାକୁ ଦୋହରାଇବେ। କିନ୍ତୁ, ଯେତେବେଳେ ବିଧାନସଭା ଓ ଲୋକସଭା ପାଇଁ ଆରକ୍ଷଣ କଥା ଉଠୁଛି ସେମାନେ କାହିଁକି ମହିଳା ବିରୋଧୀ ଆଭିମୁଖ୍ୟ ନେଉଛନ୍ତି? ଏହାର ଉତ୍ତର ହେଉଛି ଏଠାରେ ବସିଥିବା ମାନ୍ୟବର ସଦସ୍ୟ ଓ ସଦସ୍ୟା କିମ୍ବା ତାଙ୍କ ଦଳର ଆଗାଧାଡିର ନେତାମାନେ ତ ଆଉ ସରପଞ୍ଚ କି ଜିଲ୍ଲା ପରିଷଦ ନିର୍ବାଚନ ଲଢିବେ ନାହିଁ, ତେଣୁ ତାଙ୍କର ପଞ୍ଚାୟତ ନିର୍ବାଚନରେ ୧୦୦ ପ୍ରତିଶତ ଆରକ୍ଷଣ ହେଲେ ବି ତାଙ୍କର କିଛି ଅସୁବିଧା ନାହିଁ, କାରଣ ତାଙ୍କର ସେଥିରେ ସ୍ୱାର୍ଥ ହାନି ହେଉନାହିଁ। କିନ୍ତୁ, ଯଦି ବିଧାନ ସଭା ଓ ଲୋକସଭା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁହୁଏ, ତେବେ ନିଶ୍ଚିତ ଭାବେ ତାଙ୍କର ସ୍ୱାର୍ଥ ବାଧିତ ହେବ। ତେଣୁ, କୌଣସି ନା କୌଣସି ବାହାନାରେ ଏହି ବିଲ ବିରୋଧରେ ତାଙ୍କର ମତାମତ ଦେଉଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦୀ ଜୀ ରାଜନୀତିରେ ମହିଳାଙ୍କୁ ଆଗକୁ ଆଣିବା ପାଇଁ ଯେଉଁ ଯୋଗଦାନ ଦେଇଛନ୍ତି ସ୍ୱାଧୀନ ଭାରତରେ ତାହାର ପଟାନ୍ତର ନାହିଁ। ଆଜି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ କରିଛନ୍ତି ଓଡିଶା ମାଟିର ଝିଅ, ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା। ତାଙ୍କୁ ରାଷ୍ଟ୍ରପତି ପଦବୀ ଅଳଙ୍କୃତ କରାଇବା ପାଇଁ ଆବଶ୍ୟକ ରାଜନୈତିକ ସମର୍ଥନ ପ୍ରଦାନ କରିଥିଲେ ମାନନୀୟ ମୋଦୀ ଜୀ। ଆଜି ଆମ ସରକାରଙ୍କ ଅମଳରେ ଓଡିଶା ବିଧାନ ସଭାର ଶୋଭା ବୃଦ୍ଧି କରୁଛନ୍ତି ଆପଣଙ୍କ ପରି ଜଣେ ତେଜସ୍ୱୀ ମହିଳା ଏବଂ ରାଜ୍ୟର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବେ ପ୍ରଭାତୀ ପରିଡା ମହୋଦୟା ମହିଳାଙ୍କ ଉତ୍ଥାନ ପାଇଁ ନିଜର ଯୋଗଦାନ ଦେଉଛନ୍ତି।ଆଜି କେନ୍ଦ୍ରରେ ମାନନୀୟା ଅର୍ଥମନ୍ତ୍ରୀ ନିର୍ମଳା ସିତାରମନ ପ୍ରଥମ ଅର୍ଥମନ୍ତ୍ରୀ ଭାବେ କ୍ରମାଗତ ୯ ଥର ଲୋକସଭାରେ ବଜେଟ ଆଗତ କରିଛନ୍ତି ଯାହା ଏକ ସର୍ବକାଳିନ ରେକର୍ଡ। ବିରୋଧୀ ଦଳଙ୍କ କ୍ରମାଗତ ଆକ୍ରମଣ ସତ୍ତ୍ୱେ ମାନନୀୟ ପ୍ରଧାନମନ୍ତ୍ରୀ ମୋଦୀ ଜୀ ତାଙ୍କ ଉପରେ ସଂପୂର୍ଣ୍ଣ ଭାବେ ଭରସା କରିଥିଲେ। ଇନ୍ଦିରାଗାନ୍ଧୀଙ୍କ ପରେ ବୋଧହୁଏ ନିର୍ମଳା ସୀତାରମଣ ପ୍ରଥମ ମହିଳା ଭାବେ କେନ୍ଦ୍ର ସରକାରଙ୍କ ସର୍ବୋଚ୍ଚ ନିଷ୍ପତ୍ତି ନେବା ବ୍ୟବସ୍ଥା ସିସିଏସ୍ ଏବଂ ସିସିଇଏରେ ନୀରବଚ୍ଛିନ୍ନ ଭାବେ ସାତ ବର୍ଷ ଧରି ଲଗାତାର ସଦସ୍ୟା ରହି ନିଜ ବହୁମୂଲ୍ୟ ମତାମତ ଦେଉଛନ୍ତି। କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ଦେଶର ନାରୀଶକ୍ତିକୁ ସଶକ୍ତ କରିବାପାଇଁ ପ୍ରଥମ ଦିନରୁ ହିଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି।

ମହିଳା ସଂରକ୍ଷଣକୁ ନେଇ ଆଲୋଚନା ବେଳେ କେନ୍ଦୁଝରର କଙ୍କାଳ ଘଟଣାକୁ ନେଇ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ ତାଙ୍କ ଅଭିଭାଷଣରେ କହିଛନ୍ତି ସ୍ୱତନ୍ତ୍ର ଅଧିବେଶନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲି। ମାଟି ତଳୁ କଙ୍କାଳ କାଢ଼ି ପ୍ରମାଣ ଦେବା କିଭଳି ମହିଳା ସଶକ୍ତିକରଣ ବୋଲି ସେ ପ୍ରଶ୍ନ କରିଛନ୍ତି। ତାଙ୍କର ଭାଇ ତାଙ୍କ ମୃତ୍ୟୁ ପରେ ବହୁଥର ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ, କିନ୍ତୁ ପ୍ରତିଥର ସେଠାରେ ତାଙ୍କୁ ପ୍ରମାଣ ଆଣିବାକୁ ହଇରାଣ କରାଯାଇଥିଲା। ଏହାଠାରୁ ମଧ୍ୟ ଅଧିକ ଦୁଃଖଦ ଯେ ବ୍ୟାଙ୍କରେ କଙ୍କାଳ ଦେଖାଇବା ପରେ ତାଙ୍କୁ ପୁଣି ଥରେ ଏହାକୁ ଟାଳିଟାଳି ଘରକୁ ନେବାକୁ ପଡ଼ିଥିଲା

ପ୍ରଶାସନର ଉତ୍ତର ଦାୟିତ୍ୱ ନାହିଁ। ଅନ୍ତର୍ଜାତୀୟ ଗଣମାଧ୍ୟମରେ ଓଡ଼ିଶାର ଏହି ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଛି। ସେ କହିଛନ୍ତି ଯେ, ଡବଲ୍ ଇଞ୍ଜିନ ସରକାରରେ ବ୍ୟାଙ୍କ କେନ୍ଦ୍ର ସରକାରଙ୍କ ଅଧୀନରେ ଆସୁଛି। ଏପରି ଅମାନବୀୟ ଶାସନ ବ୍ୟବସ୍ଥା ଓଡ଼ିଶାର ଇତିହାସରେ ପୂର୍ବେ କେବେ ଦେଖାଯାଇନଥିଲା। ଓଡ଼ିଶାରେ ମହିଳା ଅସୁରକ୍ଷିତ ବୋଲି କହିଥିଲା ଆମେରିକା। ଗୃହରେ ନବୀନଙ୍କୁ ଟାର୍ଗେଟ୍ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ସେ କହିଛନ୍ତି ଯେ, ଦାନ ମାଝୀ ଘଟଣାରେ ଓଡ଼ିଶା ନିନ୍ଦିତ ହୋଇଥିଲା। ସେତେବେଳେ ନବୀନ ବାବୁ କ'ଣ କରୁଥିଲେ ବୋଲି ପ୍ରଶ୍ନ କରିଛନ୍ତି ପ୍ରଭାତି ପରିଡା। -ଆଜି କହୁଛନ୍ତି କୁମ୍ଭୀର କାନ୍ଦଣା, ବିଜୁ ବାବୁଙ୍କ ପ୍ରତି ଆମର ସମ୍ମାନ ରହିଛି।ନବୀନଙ୍କ ୨୫ ବର୍ଷ ଶାସନରେ ମହିଳାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି ପ୍ରଭାତି ପରିଡା କହିଛନ୍ତି।

## ମେ ୨ରେ ମାଟ୍ରିକ ରେଜଲ୍ଟ

ଭୁବନେଶ୍ୱର, ୩୦।୪(ମହାଭାରତ): ଆସନ୍ତା ମେ' ୨ ତାରିଖରେ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବ। ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାର ଫଳ ମେ' ୨ ତାରିଖ ଅପରାହ୍ନ ୪ଟାରେ ପ୍ରକାଶ ପାଇବ ବୋଲି ପ୍ରେସ୍ ରିଲିଜ୍ ଜରିଆରେ ବିଏସଇ ସୂଚନା ଦେଇଛି। ଚଳିତ ବର୍ଷର ଦଶମ ପରୀକ୍ଷା ସହ ଷ୍ଟେଟ୍ ଓପନ୍ ସ୍କୁଲ ଓ ମଧ୍ୟମା ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ। ଛାତ୍ରଛାତ୍ରୀମାନେ ସଂଧ୍ୟା ୭ଟା ପରେ ବୋର୍ଡର ୱେବ ସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏସି.ଇନ୍ ଏବଂ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇଓଡ଼ିଶା.ଏନଆଇସିଇନ୍ରେ ଦେଖିପାରିବେ। ସେହିପରି ଇଂଟରନେଟ୍ ନ ଥିବା ଅଂଚଳରେ ରୋଲ୍ ନଂକୁ ଏସଏମଏସ କରି ରେଜଲ୍ଟ ଜାଣିହେବ। ଏଥିପାଇଁ ଓଆର୧୦ ରୋଲନଂ ଲେଖି ୫୬୭୬୭୫୦କୁ ଏସଏମଏସ କରିବାକୁ ହେବ।

## ବିଧାନସଭାରେ ଉଠିଲା ଜିତୁ ମୁଣ୍ଡାଙ୍କ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

ଭୁବନେଶ୍ୱର,୩୦।୪(ମହାଭାରତ): ରାଜ୍ୟଠାରୁ ଆରମ୍ଭ କରି ସମଗ୍ର ଦେଶରେ ଆଲୋଡନ ଖେଳାଇ ଦେଇଥିବା ବ୍ୟାଙ୍କକୁ କଙ୍କାଳ ବୋହିବା ଘଟଣାର ଅନୁସନ୍ଧାନ ପାଇଁ ଆଜି ଆରଡିସି ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚିଛନ୍ତି। ପାଟଣା ବ୍ଲକ୍ ?ର ଡିଆନାଳୀ ଗ୍ରାମର ଜିତୁ ମୁଣ୍ଡାଙ୍କ ଘରେ ଆରଡିସି ତାଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟେ ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ବେଳେ କଂଗ୍ରେସ ବିଧାୟକମାନେ ବ୍ୟାଙ୍କକୁ କଙ୍କାଳ ନେଇ ଯିବା ଘଟଣାରେ ପ୍ରତିବାଦ କରିବା ସହ କକ୍ଷ ତ୍ୟାଗ କରିଛନ୍ତି।କଂଗ୍ରେସ ବିଧାୟକମାନେ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ଦାବି କରିଥିବାବେଳେ ପୋଷ୍ଟର ଧରି ପ୍ରତିବାଦ କରିଛନ୍ତି। ବାସ୍ତବରେ ଆଜି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହୋଇଥିବାବେଳେ କଂଗ୍ରେସ ବିଧାୟକମାନେ ହେହଲ୍ଲା କରିଥିଲେ। ବାଚସ୍ପତିଙ୍କ ପୋଡିୟମ ତଳେ କଂଗ୍ରେସ ସଦସ୍ୟମାନେ ନାରାବାଜି କରିଥିଲେ। ଉଲ୍ଲେଖ ଥାଉ କି ଆଜି ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିଥିବାବେଳେ ଏଥିରେ 'ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ' ସମ୍ପର୍କରେ ଆଲୋଚନା ହେବ। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ମୋସନ୍ ଆଣିବେ। ଏହା ଉପରେ ସବୁ ଦଳର ବିଧାୟକ ଆଲୋଚନା କରିବେ। ଶେଷରେ ମୁଖ୍ୟମନ୍ତ୍ରୀ ଆଲୋଚନାର ଉତ୍ତର ରଖିବେ ବୋଲି ଜଣାପଡିଛି।



## ଆଶ୍ୱସ୍ତି ଦେଲା କାଳବୈଶାଖୀ

ଭୁବନେଶ୍ୱର,୩୦।୪(ମହାଭାରତ): ତାତିରୁ ଆଶ୍ୱସ୍ତି ଦେଲା କାଳ ବୈଶାଖୀ। ପୂର୍ବରୁ ପଶ୍ଚିମ ସବୁଠି କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ଗୁରୁବାର ଅପରାହ୍ନରେ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ ହୋଇଛି। ଟୁଇନସିଟି ଭୁବନେଶ୍ୱର ଓ କଟକରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହୋଇଛି। ଦିନରେ ଖରାର ପ୍ରକୋପ ରହିଥିବା ବେଳେ ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ସାଙ୍ଗକୁ ହାଲୁକା ପବନ ମାଡ଼ିଆସିଲା। ଏହା ପରେ ବହୁ ସ୍ଥାନରେ ଘଡଘଡି ସହ ବର୍ଷା ଦେଖିବାକୁ ମିଳିଥିଲା। ପଶ୍ଚିମ ଓଡ଼ିଶାରେ ମଧ୍ୟ ଦେଖିବାକୁ ମିଳିଛି ଝଡତୋଫାନ। ବଲାଙ୍ଗିର ଜିଲ୍ଲାର ଅଧିକାଂଶ ସ୍ଥାନରେ କୁଆପଥର ବର୍ଷା ମଧ୍ୟ ହୋଇଛି। ଲଗାତାର ୪୨ ଡିଗ୍ରୀ ଉପରେ ରହୁଥିବା ତାପମାତ୍ରା କାଳବୈଶାଖୀ ପ୍ରଭାବରେ ସାମାନ୍ୟ ହ୍ରାସ ଘଟିଛି। ସେହିପରି ବିନିକାରେ ବି ତୁହାକୁତୁହା ବର୍ଷା ସାଙ୍ଗକୁ ପ୍ରବଳ କୁଆ ପଥରମାଡ଼ ଫଳରେ କିଛି ସ୍ଥାନରେ ଘରର ଆଜବେଜଷ୍ଟେସ୍ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ଆସନ୍ତା ତିନିରୁ ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ପ୍ରଭାବ ଲାଗିରହିବ ବୋଲି ଆକଳନ କରିଛି ପାଣିପାଗ କେନ୍ଦ୍ର। ଅପରପକ୍ଷରେ ଆଜି ୪୦ ଡିଗ୍ରୀ ଉପରେ ରହିଛି ୬ ସହରର ତାପମାତ୍ରା।

# ବୁଡାଇଲା ପ୍ରବଳ ବର୍ଷା, ଗଲାଣି ୯ ଜୀବନ

ବେଙ୍ଗାଲୁରୁ,୩୦।୪(ମହାଭାରତ): ଭାରତର ପୂର୍ବ ଠାରୁ ଉତ୍ତର ପ୍ରାନ୍ତରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ହେଲେ ଦେଶର ଦକ୍ଷିଣ ପ୍ରାନ୍ତ ବିଶେଷ କରି କର୍ଣ୍ଣାଟକାର ବେଙ୍ଗାଲୁରୁରେ ପ୍ରବଳ ବର୍ଷା ଓ ପବନ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ବୁଧବାର ଅପରାହ୍ନରୁ ଆରମ୍ଭ ହୋଇଥିବା ଝଡବର୍ଷା ବ୍ୟାପକ କ୍ଷୟକ୍ଷତି କରିଛି। ଏଥିରେ ୯ ଜଣ ପ୍ରାଣ ହରାଇଥିବା ବେଳେ ୧୦ରୁ ଅଧିକ ଆହତ ହୋଇଛନ୍ତି।

ଝଡବର୍ଷା ଯୋଗୁ ବେଙ୍ଗାଲୁରୁ ସ୍ଥିତ ବୋଓ୍ୱରିଙ୍ଗ ଓ ଲେଡୀ କୁରଜନ ମେଡିକାଲ କଲେଜ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ନିକଟରେ ଗୋଟିଏ ବିରାଟକାୟ ପାଚେରୀ ଭୁଶୁଡି ପଡିଛି। ଏଥିରେ ୭ ଜଣ ପ୍ରାଣ ହରାଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି।

ହସ୍ପିଟାଲ ପରିସର ନିକଟସ୍ଥ ଗୋଟିଏ ବିଲଡିଂର ପାଚେରୀ ଭୁଶୁଡି ପଡିବାରୁ ଏତେ ବଡ ଘଟଣା ଘଟିଛି। ବର୍ଷାରୁ ବର୍ତ୍ତିବା ପାଇଁ ରାସ୍ତାକଡ ବେପାରୀ ଓ ପଥଚାରୀମାନେ ପାଚେରୀ ନିକଟରେ ଆଶ୍ରୟ ନେଇଥିଲେ। ହେଲେ ସେହି ପାଚେରୀଟି ହିଁ ଭୁଶୁଡି ପଡିବାରୁ ଏହା ତଳେ ଲୋକମାନେ ଚାପି ହୋଇ ଯାଇଥିଲେ। ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଅପରେସନ ଆରମ୍ଭ କରିଥିଲେ। ହେଲେ ସେତେବେଳକୁ ୮ ଜଣଙ୍କ ମୃତ୍ୟୁ ହୋଇ ସାରିଥିଲା। କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଘଟଣା ସ୍ଥଳ ପରିଦର୍ଶନ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି। ସେହିପରି ଉପ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ।ତାଙ୍କ କହିବା କଥା ଯେ ବର୍ଷା ଜନିତ ଅଘଟଣାରେ ମୋଟ ୮ ଜଣ ପ୍ରାଣ ହରାଇଛନ୍ତି। ହସ୍ପିଟାଲ ନିକଟ ଅଘଟଣରେ ୭ ଜଣ ଓ ବେଗା ସିଟି ମଲ ନିକଟରେ ଘଟିଥିବା ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି। ସେହିପରି ମିନି ଫରେଷ୍ଟ ନିକଟରେ ଜଣେ ୩୫



ବର୍ଷୀୟ ବ୍ୟକ୍ତି ବିଦ୍ୟୁତ ଖୁଣ୍ଟ ସଂସ୍ପର୍ଶରେ ଆସିବାରୁ ଆଖିବୁଜି ଥିବା ଜେପି ନଗର ପୁଲିସ୍? ଷ୍ଟେସନ ପକ୍ଷରୁ ନିଶ୍ଚିତ କରାଯାଇଛି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

1001/31/2627



ମଇ ଦିବସ-୨୦୨୬ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

"ମଇ ଦିବସ" ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ "ବିକଶିତ ଓଡ଼ିଶା-ବିକଶିତ ଭାରତ" ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

OIPR:1001/1001/2/26-27/0001



ଆନ୍ତର୍ଜାତିକ ଶ୍ରମିକ ଦିବସ
ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ରାଜ୍ୟର ବିକାଶ କ୍ଷେତ୍ରରେ ଆପଣମାନଙ୍କ ଅମୂଲ୍ୟ ଯୋଗଦାନ ପ୍ରତି ମୁଁ ସମ୍ମାନ ଜଣାଉଛି। ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ।

ଆସନ୍ତୁ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ସମସ୍ତେ ସମ୍ମିଳିତ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଫଳ ପଲାଉ

ସାମଗ୍ରୀ: ବାସୁମତୀ ଚାଉଳ, କଳା ଅଙ୍ଗୁର , ଗ୍ରୀନ ଅଙ୍ଗୁର, ସେଓ , ଡାଳିମ୍ବ, ଚେରୀ , କାଜୁ , କିସିମିସ, ପିସ୍ତା ବାଦାମ , ଜିରା , ଲୁଣ , ତେଲ ଏବଂ ଆମ୍ବ ସଢା।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ସେଥିରେ କିଛି ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ପାଣି ଫୁଟିଲା ପରେ ସେଥିରେ ଲୁଣ , ଜିରା ଏବଂ ଦୁଇ ଚାମଚ ତେଲ ପକାନ୍ତୁ। ତେଲ ପକାଇ ସାରିଲା ପରେ ପୂର୍ବରୁ ଭିଜା ହୋଇଥିବା ବାସୁମତୀ ଚାଉଳ ପକାଇ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଭାତ ପାଣିରେ ତେଲ ପକାଇଲେ ଭାତ ଲାଗି ନ ରହି ଗୋଟା ଗୋଟା ରହିବ। ତା' ପରେ ଚାଉଳକୁ ୧୦ ମିନିଟ ଫୁଟିବା ଯାଏଁ ଛାଡ଼ି ଦିଅନ୍ତୁ। ମଝିରେ ମଝିରେ ଲହାକୁ ଗୋଳାଉଥିବା। ଏହା ପରେ ଭାତ ହୋଇଗଲା ପରେ ଏକ ପାତ୍ରକୁ ଛାଣି ରଖନ୍ତୁ। ଏହା ପରେ ଏକ କଡ଼େଇ ଗରମ କରି ସେଥିରେ ତେଲ ପକାନ୍ତୁ। ତେଲ ଗରମ ହେଲା ପରେ ସେଥିରେ କାଜୁ, କିସମିସ, କଳା ଅଙ୍ଗୁର , ଡ଼ାଳିମ୍ବ , ସେଓ ଏବଂ ଲୁଣ ପକାଇ ଅଳ୍ପ ଭାଜନ୍ତୁ। ତା ପରେ ସେଥିରେ ପୂର୍ବରୁ ଥିବା ଭାତ ପକାଇ ଭଲଭାବେ ଗେଳାଇ ଦିଅନ୍ତୁ।ଗୋଳାଇ ସାରିଲା ପରେ ସେଥିରେ ପିସ୍ତା ବାଦାମ, ଚେରୀ ଏବଂ ଆମ୍ବ ସଢା ପକାଇ ଗୋଳାଇ ଦିଅନ୍ତୁ। ତା ପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କର ଫଳ ପଲାଉ।



ଖବର

## ଦିଲଜିତ ଦୋସାଞ୍ଜଙ୍କ କନସର୍ଟରେ ଉତ୍ତେଜନା



କାନାଡର ଭାନକୁଭରରେ ଆୟୋଜିତ ହୋଇଥିବା ପଞ୍ଜାବୀ ଚର୍ଚ୍ଚିତ ସିଙ୍ଗର ଏବଂ ଅଭିନେତା ଦିଲଜିତ ଦୋସାଞ୍ଜଙ୍କ ଇଙ୍କ୍ୱବ ୨୦୨୬ କନସର୍ଟରେ ହଙ୍ଗାମା । ଖଲିସ୍ତାନ ପତାକା ଧରି ଭାରତ ବିରୋଧୀ ସ୍ଲୋଗାନ୍ ଦେଇ କନ୍ସର୍ଟରେ ପ୍ରବେଶ କରିଥିଲେ କିଛି ଲୋକ । ଯାହାକୁ ନେଇ ଇଭେ□ରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଯାହାର ଭିଡିଓ ଏବେ ଖୁବ୍ ଭାଇରଲ ହେବାରେ ଲାଗିଛି ।କନସର୍ଟ ଶୋ' ଚାଲିଥିବା ସମୟରେ ହଠାତ କିଛି ପ୍ରଦର୍ଶନକାରୀ ଖଲିସ୍ତାନ ପତାକା ଧରି ଭିତରକୁ ଏଣ୍ଟ୍ରି କରିଥିଲେ । ଏହି ବିରୋଧକାରୀମାନେ କେବଳ ଭାରତ ବିରୋଧୀ ସ୍ଲୋଗାନ୍ ଦେଉନଥିଲେ ବରଂ ଦିଲଜିତଙ୍କୁ ମଧ୍ୟ ଟର୍ଗେଟ୍ କରିଥିଲେ । ରାଜନୈତିକ କ୍ଷେତ୍ରରେ ସିଙ୍ଗର ଦିଲଜିତଙ୍କ ଆଗ୍ରହ ଥିବା ଅଭିଯୋଗ କରିଛନ୍ତି ବିରୋଧୀକାରୀ । ଏଥିସହ ଦିଲଜି୍ ଦୋସାଞ୍ଜ ଜଣେ ସ୍ପେଶିଆଲ ଇଣ୍ଡିଆନ୍ ଅର୍ଗାନାଇଜେସନର ଏଜେଣ୍ଟ ବୋଲି ମଧ୍ୟ ଦାବି କରିଛନ୍ତି । ଫଳରେ ଏହି ବିରୋଧର ସାମ୍ନା କରିଥିଲେ ଦିଲଜିତ। ଅନେକ ଚେଷ୍ଟା ପରେ ସୁରକ୍ଷା ବାହିନୀ ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିଥିଲେ ।ଏକ ରିପୋର୍ଟ ଅନୁସାରେ ଏହି ଘଟଣାର ମାଷ୍ଟରମାଇଣ୍ଡ ଭାବେ ପବନଦୀପ ସିଂ ବାସି ଏବଂ ମନଦୀପ ସିଂ ରବିଙ୍କୁ ଚିହ୍ନଟ କରାଯାଇଛି । ସେମାନେ ସଂଗଠନ ଶିଖ୍ସ ଫର୍ ଜଷ୍ଟିସ୍ ସହିତ ଜଡିତ ବୋଲି କୁହାଯାଉଛି । ଏହା ସେମାନଙ୍କର ଯୋଜନାବଦ୍ଧ ଷଡଯନ୍ତ୍ର ବୋଲି ଏହି ଅଭିଯୋଗରୁ ସ୍ପଷ୍ଟ ହୋଇଛି ।ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପରେ ମଧ୍ୟ ବିରୋଧୀଙ୍କ ଉତ୍ତେଜନା ଥମି ନଥିଲା। ଅନ୍ୟପଟେ ବିରୋଧୀକାରୀମାନେ ଖୋଲାଖୋଲା ଭାବରେ ଚେତାବନୀ ଦେଇଛନ୍ତି ଯେ, ପ୍ରତିବାଦ ଜାରି ରହିବ ଏବଂ ଦିଲଜିତଙ୍କ ଶୋ'କୁ ବାଧା ଦେବେ। ଏହି ଘଟଣାକୁ ନେଇ ସଙ୍ଗୀତ ପ୍ରେମୀ ଏବଂ କଳାକାରଙ୍କ ମଧ୍ୟରେ ଚିନ୍ତା ବଢାଇଛି । ବର୍ତ୍ତମାନ ଆୟୋଜକ ଏବଂ ସ୍ଥାନୀୟ ସୁରକ୍ଷା ଏଜେନ୍ସି କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ପ୍ରସ୍ତୁତ ହେଉଛନ୍ତି ।

## ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ

ଆମ ସଂସ୍କୃତି,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୁର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।



ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ। ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଐଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଐଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

## କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ। କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍। ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ। ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ ।



ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ। ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ । ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେସକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ। ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ।

## ମହାଦେବଙ୍କ ତୃତୀୟ ନେତ୍ର ଖୋଲିଲେ କ'ଣ ହେବ ?



ମହାଦେବଙ୍କ ତୃତୀୟ ନେତ୍ର କାହାକୁ ଦର୍ଶାଏ ? ଯଦି ଏହା ଖୋଲିଯିବ ତେବେ କ'ଣ ହେବ ? ଆଜି ଜାଣନ୍ତୁ ଏହାକୁ ନେଇ କ'ଣ କହୁଛି ବେଦଶାସ୍ତ୍ର ତ୍ରିଦେବଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଭୋଳାଶଙ୍କର। ଯିଏ ନିଜ ଭକ୍ତଙ୍କୁ ବହୁତ ଭଲ ପାଆନ୍ତି। ସେମାନଙ୍କ କଷ୍ଟକୁ ହରଣ କରନ୍ତି। ଭୋଳା ବାବା ଅଧର୍ମକୁ ସହି ପାରନ୍ତି ନାହିଁ। ଧର୍ମର ପ୍ରତିଷ୍ଠାରେ ସବୁ ଦେବତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଥିବା ବେଳେ ଶିବଙ୍କର ସ୍ଥାନ ଖୁବ ଉଚ୍ଚରେ ରହିଛି। ସତୀ ଏବଂ ପାର୍ବତୀଙ୍କ ପତି ଭଗବାନ ଶଙ୍କରଙ୍କୁ ସଦାଶିବଙ୍କ କାରଣରୁ ଶିବ ମଧ୍ୟ କୁହାଯାଇଥାଏ। ସନତାନ ଧର୍ମର ପ୍ରମୁଖ ଆଦି ପଞ୍ଚ ଦେବତାଙ୍କ ମଧ୍ୟରେ ଭଗବାନ ଶଙ୍କରଙ୍କ ସ୍ଥାନ ରହିଛି। ସେହିଭଳି ଶଙ୍କରଙ୍କୁ ଦେବାଧି ଦେବ ମହାଦେବ ମଧ କୁହାଯାଇଥାଏ। ଭଗବାନ ଶିବ ଯେତିକି ଶୀଘ୍ର ପ୍ରସନ୍ନ ହୁଅନ୍ତି ସେତିକି ଶୀଘ୍ର କ୍ରୋଧିତ ମଧ ହୋଇଥାନ୍ତି। ସବୁ ଦେବତାଙ୍କ ମଧ୍ୟରୁ ମହାଦେବ ପ୍ରଚଣ୍ଡ ରାଗି । ସବୁ ଦେବତାଙ୍କୁ ପ୍ରସନ୍ନ କରିବା ପାଇଁ ବଡ ବଡ ପୂଜା କରାଯାଇଥାଏ । କିନ୍ତୁ ଭାଗବାନ ଶିବ କେବଳ ଶିବଲିଙ୍ଗରେ ଶ୍ରଦ୍ଧାର ସହ ଜଳ ଅର୍ପଣ କଲେ ମଧ ପ୍ରସନ୍ନ ହୋଇ ନିଜ ଭକ୍ତଙ୍କ କଲ୍ୟାଣ କରିଥାନ୍ତି । ଭଗବାନ ଶିବଙ୍କ ମଥାରେ ତୃତୀୟ ନୟନ ଥିବା କଥା ପୁରାଣରେ ଅଛି । ସେ ତୃତୀୟ ନୟନରେ ସବୁକିଛି ଦେଖିପାରନ୍ତି । ଯେତେବେଳେ ଶିବ ନିଜ ତୃତୀୟ ନୟନ ଖୋଲନ୍ତି ସେଥିରୁ ବହୁତ ତୀକ୍ଷ୍ଣ ଆଲୋକ ବାହାରିଥାଏ । ସେହି ଆଲୋକରେ ସବୁ ଭସ୍ମ ହୋଇଯାଏ ।ଏଭଳି ସ୍ଥିତିରେ ଶିବ ଯେକୌଣସି ଜାଗାକୁ ଦେଖିପାରନ୍ତି ଏବଂ କାହା ସହ ମଧ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନା କରିପାରିଥାନ୍ତି । ଭଗବାନ ଶିବଙ୍କ ତୃତୀୟ ନୟନକୁ ପ୍ରଳୟ ବୋଲି କୁହାଯାଏ। ଭଗବାନ ଶିବଙ୍କ ତୃତୀୟ ନୟନରୁ ବାହାରୁଥିବା କ୍ରୋଧ ଅଗ୍ନିରେ ପୃଥିବୀ ଧ୍ୱଂସ ହୋଇଯିବ । ଶିବଙ୍କ ୩ଟି ଆଖିର ଗୁଣ ଅଲଗା ଅଲଗା । ଭଗବାନ ଶିବଙ୍କ ତୃତୀୟ ନୟନ ତାଙ୍କ ମଥାରେ ଥାଏ ଯେଉଁଥିପାଇଁ ତାଙ୍କୁ ତ୍ରିନେତ୍ର କୁହାଯାଇଥାଏ । ଗୋଟିଏ ନୟନକୁ ଚନ୍ଦ୍ର, ଦ୍ୱିତୀୟକୁ ସୂର୍ଯ୍ୟ ଏବଂ ଶିବଙ୍କ ତୃତୀୟ ଚକ୍ଷୁ ଆଜ୍ଞାଚକ୍ର ବୋଲି କୁହାଯାଏ ।ବେଦ ଶାସ୍ତ୍ର ଅନୁସାରେ ଧରାପୃଷ୍ଠରେ ରହୁଥିବା ସମସ୍ତ ଜୀବଙ୍କ ୩ଟି ଚକ୍ଷୁ ରହିଛି । ୨ ଚକ୍ଷୁରେ ସମସ୍ତ ଜୀବ ଭୌତିକ ବସ୍ତୁ ଦେଖିଥାନ୍ତି ଏବଂ ତୃତୀୟ ଚକ୍ଷୁକୁ ବିବେକ ବୋଲି ବିଚାର କରାଯାଏ । କିନ୍ତୁ ତୃତୀୟ ଚକ୍ଷୁ ଦେଖାଯାଏନାହିଁ । ମହାଭାରତର ଷଷ୍ଠ ଖଣ୍ଡ ଅନୁଶାସନ ପର୍ବ ଅନୁସାରେ ଏକଦା ଭଗବାନ ଶିବ ହିମାଳୟ ପର୍ବତ ରେ ସଭା କରୁଥିଲେ। ଏଥିରେ ସମସ୍ତ ଦେବତା, ଋଷି ମୁନି ଥିଲେ। ସେହି ସମୟରେ ମାତା ପାର୍ବତୀ ସେଠାକୁ ଆସିଲେ ଓ ଭୋଳାନାଥଙ୍କ ଆଖିରେ ଦୁଇ ହାତ ରଖିଦେଲେ। ଭଗବାନ ଶିବଙ୍କ ଆଖି ଲୁଚିଯିବା କାରଣରୁ ସୃଷ୍ଟିରେ ଅନ୍ଧାର ହୋଇଗଲା। ଏମିତି ଲାଗିଲା ଯେମିତି ଭଗବାନଙ୍କ ଗୁରୁତ୍ୱ କିଛି ଆଉ ସତେ ନାହିଁ।

## ଈଶ୍ୱରଙ୍କ ନାମ ବଜ୍ର ସଦୃଶ

ସବୁ ସମୟରେ ଓ ସବୁ ଅବସ୍ଥାରେ ଶ୍ରଦ୍ଧା ତଥା ଭକ୍ତିରେ ଈଶ୍ୱରଙ୍କ ନାମ ସ୍ମରଣ କରିବା ଉଚିତ। ଈଶ୍ୱରନାମ ବଜ୍ର ସଦୃଶ, ଯାହାପର୍ବତ ପ୍ରମାଣ ପାପକୁ ମଧ୍ୟ ତରଳାଇ ଦେଇପାରେ। ଦୂରନ୍ତ ଭବରୋଗର ଏହା ଅବ୍ୟର୍ଥ ମହୌଷଧ। ସେଇ ନାମ ତୁମକୁ ନିଶ୍ଚୟ ଶାନ୍ତି ପ୍ରଦାନ କରିବ। ମାୟାର ଅନ୍ଧକାରକୁ ବିତାଡ଼ିତ କରୁଥିବା ଜ୍ଞାନର ଉଦୟମାନ ସୂର୍ଯ୍ୟର ଆଲୋକ ପରି ହରିନାମ ଜ୍ୟୋତିର୍ମୟ, ଏହା ଯେପରି ଦୀପ୍ତିମାନ ସେହିପରି ବିଶ୍ୱମୟ ଓ ପବିତ୍ର। ପବିତ୍ର ହରିନାମକୁ ମୁହୂର୍ତ୍ତେ ମାତ୍ର ଅପବ୍ୟବହାର କରନାହିଁ। ସେହି ନାମ ସ୍ମରଣ ନ କରି ମୁହୂର୍ତ୍ତେ ମାତ୍ର ସମୟ କାଟ ନାହିଁ। ମନେରଖ ଯେ, ଏହି ହରିନାମ ଏପରି ମିଠା ଯେ, ପ୍ରହ୍ଲାଦ ଉଚ୍ଚାରଣ କଲାମାତ୍ରେ ତାହା ଶୁଣୁଥିବା ଅସୁରମାନଙ୍କର ହୃଦୟ ମଧ୍ୟ ପରିବର୍ତ୍ତିତ ହୋଇ ଯାଉଥିଲା। ହରିନାମର ଏପରି ମାଧୁରୀ ଯେ, ପ୍ରହ୍ଲାଦ ସହ ହରିନାମ ଗାଇ ଗାଇ ଅସୁର ସନ୍ତାନମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ କରୁଥିଲେ ।



# ଖୋର୍ଦ୍ଧାରେ ରେଡିମେଡ୍ ଗାର୍ମେଂଟ୍ ମାନୁଫାକଚରିଂ ୟୁନିଟର ଉଦଘାଟନ କଲେ ଶିଳ୍ପ ମନ୍ତ୍ରୀ

ଭୁବନେଶ୍ୱର,୩୦।୪(ମହାଭାରତ): ଖୋର୍ଦ୍ଧା ଜିଲ୍ଲାର କାଲିବେଟି ଠାରେ ରେଡିମେଡ୍ ଗାର୍ମେଂଟ୍ ମାନୁଫାକଚରିଂ ୟୁନିଟରେ ଉଦଘାଟନ କରିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ। ଏକ୍ସରେ ପୋଷ୍ଟ କରି ଶିଳ୍ପ ମନ୍ତ୍ରୀ ଲେଖିଛନ୍ତି ଆଜି ଖୋର୍ଦ୍ଧା ଜିଲ୍ଲାର କାଲିବେଟି ଠାରେ ଟ୍ରିମେଟ୍ରୋ ଗାର୍ମେଂଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍(ଏପିକ୍ ଗ୍ରୁପ୍)ର ରେଡିମେଡ୍ ଗାର୍ମେଂଟ୍ ମାନୁଫାକଚରିଂ ୟୁନିଟର ଶୁଭ ଉଦ୍‌ଘାଟନ କଲି । ପ୍ରାୟ ୩୭୬.୮୫ କୋଟି ଟଙ୍କାର ପୁଞ୍ଜିନିବେଶରେ ହୋଇଥିବା ଏହି



ପ୍ରକଳ୍ପ ଦ୍ୱାରା ୭,୦୦୦ ରୁ ଅଧିକ ଓଡ଼ିଆ ଯୁବକଯୁବତୀ ରୋଜଗାର ସୁଯୋଗ ପାଇପାରିଛନ୍ତି । ସେଥିମଧ୍ୟରୁ ୯୦ ପ୍ରତିଶତ ହେଉଛନ୍ତି ମହିଳା, ଯାହା ରାଜ୍ୟରେ ମହିଳାମାନଙ୍କୁ ଆର୍ଥିକ ସଶକ୍ତ ତଥା ସ୍ୱାବଲମ୍ବୀ କରିବା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ।ଏହି ଶିଳ୍ପକୁ ଆଧାର କରି ଆଗାମୀ ଦିନରେ ଖୋର୍ଦ୍ଧା ଓ ଏହାର ଆଖପାଖ ଅଂଚଳରେ ଅନେକ ଡାଉନଷ୍ଟ୍ରିମ୍, ଆଂସିଲାରୀ ଓ ଏମ୍ଏସ୍ଏମ୍ଇ ଇଣ୍ଡଷ୍ଟ୍ରି ଗଢି ଉଠିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି ।ଏହା ଜିଲ୍ଲାର ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବା ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ସହାୟକ ହୋଇପାରିବ । ଆମ ସରକାର ପାରମ୍ପରିକ ଶିଳ୍ପ ସହିତ ନ୍ୟୁ-ଏଜ୍, ପରିବେଶ ଅନୁକୂଳ ଓ ଲେବର୍ ଇଂଟେନସିଭ୍ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦେଉଛନ୍ତି । ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ଆଶା-ଆକାଂକ୍ଷା ଏବଂ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ 'ପୂର୍ବୋଦୟ' ପରିକଳ୍ପନାକୁ ବାସ୍ତବ ରୂପ ଦେବା ସହ ଓଡିଶାକୁ ସମଗ୍ର ଦେଶର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ଆମର ଲକ୍ଷ୍ୟ। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ଖୋର୍ଦ୍ଧାର ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ ଉପସ୍ଥିତ ଥିଲେ ।

# କଳିଙ୍ଗନଗରର ଶିଳ୍ପାଞ୍ଚଳ ଓ ସହରାଞ୍ଚଳ ବିକାଶ ପ୍ରକଳ୍ପର ବ୍ୟାପକ ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚ୍ଚିବ

ଭୁବନେଶ୍ୱର,୩୦।୪(ମହାଭାରତ); ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚ୍ଚିବ ଏବଂ ଇଡ୍‌କୋ ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ ଆଜି ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ବ୍ୟାପକ କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ଭୂମି ବିକାଶ, ରଣନୈତିକ ଭିତ୍ତିଭୂମି ପଦକ୍ଷେପ ଓ ଜିଲ୍ଲାର ସହରାଞ୍ଚଳ ବିକାଶ ପ୍ରକଳ୍ପମାନଙ୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପରିଦର୍ଶନର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ ଅଭିବୃଦ୍ଧି ଓ ସହରାଞ୍ଚଳ ଭିତ୍ତିଭୂମି ମଧ୍ୟରେ ସମନ୍ୱୟ ସୃଷ୍ଟି କରି ଏକ ସୁସଂଘଟିତ ଓ ନିବେଶ-ଅନୁକୂଳ ପରିବେଶ ଗଢ଼ି ତୋଳିବା ।ପରିଦର୍ଶନ କାର୍ଯ୍ୟକ୍ରମ ଅଳିଜଙ୍ଗା ଅଞ୍ଚଳର ପ୍ରାୟ ୬୦୦ ଏକର ଜମିର ଅନୁଧ୍ୟାନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଭୂମି ବିକାଶର ଅବସ୍ଥା, ଲେଆଉଟ୍ ପ୍ଲାନିଂ ଏବଂ ଭବିଷ୍ୟତ ଶିଳ୍ପ ନିବେଶ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ପରେ ସେ ସୁକୁଟିଝରା ଅଞ୍ଚଳ ପରିଦର୍ଶନ କରି ଶିଳ୍ପ ସମ୍ପ୍ରସାରଣ ପାଇଁ ଏହି



ଅଞ୍ଚଳଗୁଡ଼ିକର ସମ୍ଭାବନା, ଭିତ୍ତିଭୂମି ସୁବିଧା ଓ ସଂଯୋଗ ସୃଷ୍ଟିର ପରିସ୍ଥିତି ଉପରେ ମୂଲ୍ୟାଙ୍କନ କରିଥିଲେ।

ଏହି ଅବସରରେ ଜିଲ୍ଲାପାଳ ଅମ୍ବର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସନ୍ତୋଷ କୁମାର ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀମତୀ ପାଢ଼ୀ ଟାଟା ଷ୍ଟିଲ୍‌ର ଡି.ବି. ପ୍ଲଟ୍ ନଂ-୨ ପରିଦର୍ଶନ କରିଥିଲେ। ସେଠାରେ ଶିଳ୍ପ ସଂସ୍ଥାପନାର ପ୍ରଗତି, ଭିତ୍ତିଭୂମି ସୁବିଧା ଓ ଲଜିଷ୍ଟିକ୍ସ ସମ୍ବନ୍ଧୀୟ ବିଷୟରେ ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ପକ୍ଷରୁ ତାଙ୍କୁ ବିସ୍ତୃତ ବ୍ରିଫିଂ ଦିଆଯାଇଥିଲା।

ଶିଳ୍ପାଞ୍ଚଳ ସମୀକ୍ଷା ସହିତ ସେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ସହରାଞ୍ଚଳ ବିକାଶ ପ୍ରକଳ୍ପ ଓ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନାମାନଙ୍କର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷକରି ପାଣି ଯୋଗାଣ, ପରିଷ୍କାରତା ବ୍ୟବସ୍ଥାପନ, ସହରୀ ସଡ଼କ ଓ ଡ୍ରେନେଜ୍ ନେଟୱର୍କ, ଏବଂ ଶହରୀ ଜୀବନମାନ ଉନ୍ନତି ପାଇଁ ଚାଲିଥିବା ପଦକ୍ଷେପଗୁଡ଼ିକର ଗତିବେଗ ବଢ଼ାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନୂତନ ଶିଳ୍ପ ସହରଗୁଡ଼ିକରେ "ଲିଭେବିଲିଟି" ବୃଦ୍ଧି ଏବଂ ନାଗରିକ ସେବାର ଗୁଣମାନ ଉନ୍ନତିକୁ ସେ ଅତ୍ୟାବଶ୍ୟକ ଭାବେ ଉଲ୍ଲେଖ କରିଥିଲେ।

ପରେ କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଳିଙ୍ଗନଗର ଜାତୀୟ ଶିଳ୍ପ କରିଡରର ଦ୍ରୁତ ବିକାଶ ପାଇଁ ଆଗାମୀ ରୋଡ୍‌ମ୍ୟାପ୍ ଉପରେ ଚର୍ଚ୍ଚା ହୋଇଥିଲା। ଜମି ଆବଣ୍ଟନ ପ୍ରକ୍ରିୟାର ସରଳୀକରଣ, ଭିତ୍ତିଭୂମି ଯୋଗାଣର ସମୟୋପଯୋଗୀ ସୁନିଶ୍ଚିତତା, ଏବଂ ଶିଳ୍ପ ଅଭିବୃଦ୍ଧି ସହ ସହରୀ ସେବାମାନଙ୍କର ସମନ୍ୱୟ ବୃଦ୍ଧି ପାଇଁ ଜିଲ୍ଲାପାଳ, ଇଡ୍‌କୋ ଅଧିକାରୀ ଓ ଜିଲ୍ଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି ସହ ବିସ୍ତୃତ ଆଲୋଚନା ହୋଇଥିଲା ।ଶ୍ରୀମତୀ ପାଢ଼ୀ କ୍ଷେତ୍ରସ୍ତରରେ ନିୟମିତ ମନିଟରିଂ, ଆନ୍ତଃ-ବିଭାଗୀୟ ସମନ୍ୱୟ ଓ ଦ୍ରୁତ ସିଦ୍ଧାନ୍ତଗ୍ରହଣକୁ ଶିଳ୍ପ ଓ ସହରାଞ୍ଚଳ ଅଭିବୃଦ୍ଧିର ମୂଳ ଆଧାର ବୋଲି ଉଲ୍ଲେଖ କରିଥିଲେ। ସେ ଏହାକୁ ମଧ୍ୟ ଉପସ୍ଥାପନ କରିଥିଲେ ଯେ, ଓଡ଼ିଶାରେ ଏକ ସ୍ଥାୟୀ, ସୁଦୃଢ଼ ଓ ପୁଞ୍ଜିନିବେଶ-ଅନୁକୂଳ ପରିବେଶ ସୃଷ୍ଟି ପାଇଁ ଶିଳ୍ପ ଭିତ୍ତିଭୂମି ସହ ସହରାଞ୍ଚଳ ସେବାର ସମନ୍ୱିତ ବିକାଶ ଅତ୍ୟାବଶ୍ୟକ ।ଏହି ପରିଦର୍ଶନ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷେତ୍ରସ୍ତରୀୟ ନିରୀକ୍ଷଣକୁ ସୁଦୃଢ଼ କରିବା, ପ୍ରକଳ୍ପଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ଓ ସହରାଞ୍ଚଳ ବିକାଶ କେନ୍ଦ୍ର ଭାବେ ପରିଣତ କରିବା ଦିଗରେ ରାଜ୍ୟର ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରିଛି।

# ପେଟ୍ରୋଲ-ଡିଜେଲ ଦର ବୃଦ୍ଧି କେବଳ ଗୁଜବ : ମନ୍ତ୍ରୀ

ଭୁବନେଶ୍ୱର, ୩୦।୪(ମହାଭାରତ): ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମଙ୍ଗଳବାର ରାଜ୍ୟରେ ରନ୍ଧନ ଗ୍ୟାସ ଏବଂ ପେଟ୍ରୋଲ-ଡିଜେଲ୍ ର ଉପଯୁକ୍ତ ଯୋଗାଣର ସ୍ଥିତି ସମୀକ୍ଷା କରିଛନ୍ତି । ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମନ୍ତ୍ରୀ ଶ୍ରୀ ପାତ୍ର ଏଚ୍‌ପିସିଏଲ୍, ଆଇଓସିଏଲ୍, ବିପିସିଏଲ୍, ଆଦାନୀ ଗ୍ରୁପ୍ ଆଦି ବିଭିନ୍ନ ଇନ୍ଧନ ବିତରଣକାରୀ ସଂସ୍ଥାର ପ୍ରତିନିଧିମାନଙ୍କ ସହ ଆଲୋଚନା କରିବା ସହ ରାଜ୍ୟରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ସମ୍ପର୍କିତ ସ୍ଥିତି ବାବଦରେ ବିସ୍ତୃତ ଭାବେ ଅବଗତ ହୋଇଥିଲେ । ବୈଠକରୁ ଜଣାପଡ଼ିଛି ଯେ ବର୍ତମାନ ଘରୋଇ ରନ୍ଧନ ଗ୍ୟାସ ଯୋଗାଣ ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି । ଘରୋଇ ଖାଉଟିମାନେ ଗ୍ୟାସ ସିଲିଣ୍ଡର ବୁକିଂ କରିବାର ନିର୍ଦ୍ଧାରିତ ସମୟ ମଧ୍ୟରେ ଗ୍ୟାସ ପାଇପାରୁଛନ୍ତି । ଗ୍ୟାସ ସଙ୍କଟ ନେଇ ଲୋକଙ୍କ ମଧ୍ୟରେ ଥିବା ଭୟ ବର୍ତମାନ ଦୂର ହୋଇଛି । ସେହିଭଳି ଅଣ-ଘରୋଇ ତଥା ବାଣିଜ୍ୟକ କ୍ଷେତ୍ରରେ ୮୦ ପ୍ରତିଶତ ପର୍ଯ୍ୟନ୍ତ ଗ୍ୟାସ ଯୋଗାଣ ସମ୍ଭବ ହୋଇପାରୁଛି । ଫଳରେ ହୋଟେଲ, ରେଷ୍ଟୋରାଁଗୁଡ଼ିକର ଚାହିଦା ଆନେକାଂଶରେ ପୂରଣ ହୋଇପାରୁଛି ।

ଅନ୍ୟ ପକ୍ଷରେ ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି । ତେବେ ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଦରବୃଦ୍ଧି ନେଇ କୌଣସି ସମ୍ଭାବନା ନାହିଁ । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏଭଳି ଗୁଜବଠାରୁ ଦୂରେଇ ରହିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ ନିକଟରେ ୭ ହଜାରରୁ ଅଧିକ ବେଆଇନ ସିଲିଣ୍ଡର ଜବତ ହେବା ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ଉପଲବ୍ଧି । ରାଜ୍ୟରେ ରନ୍ଧନ ଗ୍ୟାସ ଓ ପେଟ୍ରୋଲ-ଡିଜେଲର କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ । ଏଥି ସହିତ ୫ କେଜି ଗ୍ୟାସ ସିଲିଣ୍ଡର ଯୋଗାଣ ବଢ଼ାଇବା ସହ ସବୁ ସହରରେ ପିଏନ୍‌ଜି ଯୋଗାଣର ବ୍ୟବସ୍ଥା ବ୍ୟାପକ କରିବା ଏବଂ ସିଏସ୍ଆର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସେ ବିତରଣ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ବିଭିନ୍ନ ପ୍ରାକୃତିକ ଗ୍ୟାସ ଓ ତୈଳ ବିତରଣ କମ୍ପାନୀର ପ୍ରତିନିଧିମାନଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ସହର ପାଇଁ ଇ-ବସ୍‌ର ଶୁଭାରମ୍ଭ କରିବା ଅବସରରେ।

# ପାଣ୍ଡିଆନଙ୍କ ପାଇଁ ବିଜେଡିରେ ବହୁତ କ୍ଷତି ହୋଇଛି - ବଦ୍ରି ପାତ୍ର

ଭୁବନେଶ୍ୱର, ୩୦।୪(ମହାଭାରତ): ପାଣ୍ଡିଆନଙ୍କ ପାଇଁ ବିଜେଡିରେ ବହୁତ କ୍ଷତି ହୋଇଛି କହି ବର୍ଷିଛନ୍ତି ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ର। ପାଣ୍ଡିଆନ କିଏ ବୋଲି ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବଦ୍ରି କହିଛନ୍ତି ସେ ଦାୟିତ୍ୱ ନେବେ, ଆମେ ଦଳରେ ରହିବୁ ଭାବିବା ଠିକ୍ ନୁହେଁ। ଏ କଥା ଯଦି ଉଠିବ ମୁଁ ପ୍ରଥମେ ବାହାରିବି। ଏବେ ଯଦି ପାଣ୍ଡିଆନଙ୍କ ପାଦୃଭାବ ରହୁଥିବ, ଦଳ ସେହି ଅନୁସାରେ ଭୋଗିବ। ଆମକୁ ପାଣ୍ଡିଆନ କଥା ମାନିବାକୁ କିଏ କହିବ। ପାଣ୍ଡିଆନ କିଏ ଆମ କଥା ସେ କାହିଁକି ବୁଝିବ। ଆମେ ମୂଳରୁ ପାଣ୍ଡିଆନଙ୍କୁ ପ୍ରତ୍ୟାଖାନ କରିଛୁ, ସେ କିଏ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ ଅଛୁ। ଯାହାର କିଛି ନାହିଁ, ସେ କାହା ଆସରା ଖୋଜିଥିବ, ପାଣ୍ଡିଆନ ନାଁ ନେଉଥିବ। ବିଜୁ ବାବୁଙ୍କ ନାଁକୁ ବୁଡ଼ାଇକି ଦଳ ରଖିଲେ ଆମେ ରହିପାରିବୁନି। ନିର୍ବାଚନ ବେଳେ ବିଜୁ ବାବୁଙ୍କ ଫୋଟ ଯିଏ କାଢ଼ିଛି ସିଏ ସେ ଫଳ ପାଇଛି। ଦଳ ତ କ୍ଷମତା ପାଇଲାନି , ଯେଉଁମାନେ ଆକାଶରେ ଉଡୁଥିଲେ ସେମାନେ ବି ପରିଚୟ ହରାଇଦେଲେ।

# ଆନ୍ଧ୍ର ପ୍ରଦେଶ ୨୦ ବିନ୍ଦୁ କାର୍ଯ୍ୟକ୍ରମର ଅଧ୍ୟକ୍ଷଙ୍କ ଓଡିଶା ଗସ୍ତ

ଭୁବନେଶ୍ୱର, ୩୦।୪(ମହାଭାରତ): ଆନ୍ଧ୍ର ପ୍ରଦେଶ ସରକାରଙ୍କ ୨୦ ବିନ୍ଦୁ କାର୍ଯ୍ୟକ୍ରମ (ଟ୍ୱେଂଟି ପଏଂଟ୍‌ପ୍ରୋଗ୍ରାମ୍ ) ର ଅଧ୍ୟକ୍ଷ ଶ୍ରୀ ଲଙ୍କା ଦିନାକର ରାଜ୍ୟର ଅନ୍ୟ ଅଧିକାରୀମାନଙ୍କ ସହିତ ଏପ୍ରିଲ ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ସମ୍ପର୍କିତ ଅଧ୍ୟୟନ ଯାତ୍ରାରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଗତକାଲି(ସୋମବାର) ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ଅଧିକାରୀମାନଙ୍କ ସହ ଏକ ବୈଠକରେ ଯୋଗ ଦେଇଥିଲେ ।ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ସମନ୍ୱୟରେ ଅନୁଷ୍ଠିତ ଏହି ବୈଠକର ପ୍ରାରମ୍ଭରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ସ୍ୱାଗତ ଭାଷଣ ଦେଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ ।

ବୈଠକରେ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ଓ ଏହାର କାର୍ଯ୍ୟାନ୍ୱୟନ,'୩୬ ପାଇଁ ୩୬' ଲକ୍ଷ୍ୟ ହାସଲ ଏବଂ ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ ( ଏସ ଡି ଜି ) ସାଧନ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଏଥି ସହ ଓଡ଼ିଶା ଅର୍ଥ ବିଭାଗ ପକ୍ଷରୁ ଦାରିଦ୍ର୍ୟ ହ୍ରାସ ଓ ସାମଗ୍ରିକ ବିକାଶରେ କେନ୍ଦ୍ରୀୟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା ।ଏହି ପରିପ୍ରେକ୍ଷୀରେଶ୍ରୀ ଦିନାକର ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର



ପ୍ରଯୋଜିତ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ଆଲୋଚନାରେ ଓଡ଼ିଶାରେ ଅବଲମ୍ବନ କରାଯାଉଥିବା କେତେକ ଶ୍ରେଷ୍ଠ ଅଭ୍ୟାସ(ବେଷ୍ଟ ପ୍ରାକ୍ଟିସେସ୍) ସଂପର୍କରେ ଅବଗତ ହେବା ସହ ପ୍ରଶଂସା କରିଥିଲେ ।

ଆନ୍ଧ୍ର ପ୍ରଦେଶ ଟିପିପି ଅଧ୍ୟକ୍ଷ ଶ୍ରୀ ଦିନାକର ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ, ଦେଶର ସାମଗ୍ରିକ ବିକାଶ ପାଇଁ ରାଜ୍ୟମାନଙ୍କ ଅବଦାନ ଅତ୍ୟନ୍ତ ଜରୁରୀ। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ସାଂସ୍କୃତିକସମନ୍ୱୟ ସଂପର୍କରେ ସେ ଆଲୋଚନା କରିଥିଲେ ।ସେ କହିଥିଲେ ଯେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ଭଳି ବହୁ ଦର୍ଶନୀୟ ସ୍ଥାନ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିଥିବା ବେଳେ ଆନ୍ଧ୍ର ପ୍ରଦେଶରେ ବହୁ ମନ୍ଦିର ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ଗୁରୁତ୍ୱ ବହନ କରୁଛି ।ସେ ଦୁଇ ରାଜ୍ୟର ରେଳ ପଥ, ସଡ଼କ ଓ ଆକାଶ ପଥ ସଂଯୋଗୀକରଣ ଆଦି ସଂପର୍କରେ ଆଲୋକପାତ କରିବା ସହ ଅର୍ଥନୈତିକ ଅଭିବୃଦ୍ଧିରେ ଉଭୟ ରାଜ୍ୟର ଲୋକମାନଙ୍କର ଯୋଗଦାନ ରହୁଥିବା ପ୍ରକାଶ କରିଥିଲେ । ଶ୍ରୀ ଦିନାକରଓଡିଶାର ଖଣିଜ ସମ୍ପଦ, ପ୍ରାକୃତିକ ସମ୍ପଦ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଏବଂ ଆର୍ଥିକ ସ୍ଥିରତା ପ୍ରଦର୍ଶନ ସଫଳତାକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଦୀର୍ଘ ସୂତ୍ରୀ ଲକ୍ଷ୍ୟ ହାସଲରେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ଭୁବନେଶ୍ୱର, ,୨୯।୪(ଯୁବମୋର୍ଚ୍ଚା): ରାଜ୍ୟ ବିଜେପି କାର୍ଯ୍ୟାଳୟରେ "ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬" ଦ୍ୱିତୀୟ ଦିବସରେ ଜାରୀ ରହିଛି। ଏହାର ପ୍ରଥମ ସତ୍ରରେ ରାଜ୍ୟ ସଭାପତି ମନମୋହନ ସାମଲ , ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରୀଡା , ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପୂର୍ବ ଭାରତର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ର ସଂଯୋଜକ ଡଃ ଦୀନେଶାନନ୍ଦ ଗୋସ୍ୱାମୀ,ପ୍ରଦେଶ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି , ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏବଂ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ଏହି ପ୍ରଶିକ୍ଷଣ ମହାଅଭିଯାନ ମାଧ୍ୟମରେ କାର୍ଯ୍ୟକର୍ତାମାନଙ୍କୁ ସଂଗଠନୀୟ ମୂଲ୍ୟବୋଧ, ଦଳୀୟ ଆଦର୍ଶ ଓ ଜନସେବାର ପ୍ରତିବଦ୍ଧତା ସମ୍ପର୍କରେ ସଚେତନ କରାଯାଇଛି। ଏହା ସହିତ, ପ୍ରତ୍ୟେକ କାର୍ଯ୍ୟକର୍ତା ତୃଣମୂଳ ସ୍ତରରେ ସକ୍ରିୟ ଭାବେ ଯୋଗଦେଇ ଲୋକମାନଙ୍କ ସମସ୍ୟା ବୁଝି ସମାଧାନ ପାଇଁ ପ୍ରୟାସ କରିବାକୁ ପରାମର୍ଶ ଦିଆଯାଇଛି।

ଆଗାମୀ ଦିନରେ ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କରିବା ସହ ଲୋକସେବାରେ ନୂତନ ମାନଦଣ୍ଡ ସୃଷ୍ଟି କରିବା ଆମ ସମସ୍ତଙ୍କ ଲକ୍ଷ୍ୟ। ସମର୍ପଣ, ଶିଷ୍ଟାଚାର ଓ ସଂଘବଦ୍ଧ ପ୍ରୟାସ ମାଧ୍ୟମରେ ଏହା ନିଶ୍ଚିତ ଭାବେ ସଫଳ ହୋଇପାରିବ।

# ପିଏମଜିରୁ ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ଚିଠି ପଠାଇଲା ମହିଳା କଂଗ୍ରେସ

ଭୁବନେଶ୍ୱର, ୩୦।୪(ମହାଭାରତ): ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ଶ୍ରୀମତୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଯଥାଶୀଘ୍ର ମହିଳା ସଂରକ୍ଷଣ ଆଇନ ଲାଗୁ ଦାବିରେ ପିଏମଜି ଠାରୁ ପୋଷ୍ଟ କାର୍ଡ ଚିଠି ପ୍ରେରଣ କରାଯାଇଛି। ଏହି ଅବସରରେ ମିନାକ୍ଷୀ ବାହିନୀପତି କହିଥିଲେ ଯେ ବିଜେପି ଓ ମୋଦି ସରକାର ଉଭୟ ମହିଳା ସ୍ୱାର୍ଥ ବିରୋଧି। ମହିଳା ସଂରକ୍ଷଣ ଆଇନ ଯାହାକି ନାରୀ ଶକ୍ତି ବନ୍ଦନା ଅଧିନୀୟମ-୨୦୨୩, ଯାହାକୁ ଲାଗୁ କରିବାପାଇଁ କଂଗ୍ରେସ ସମେତ ସମସ୍ତ ଅଣ ବିଜେପି ଦଳ ସମର୍ଥନ ଦେଇଥିଲେ ତାହାକୁ ତୁରନ୍ତ ଲାଗୁ କରିବାରେ ମୋଦି ସରକାର ବିଫଳ ହୋଇଛି।

ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମହିଳା କଂଗ୍ରେସର ସମ୍ପାଦିକା ତଥା ଓଡ଼ିଶା ମହିଳା କଂଗ୍ରେସ ପ୍ରଭାରୀ ଶ୍ରୀମତୀ ତୁଳିକା କର୍ମା ଯୋଗଦେଇ କହିଥିଲେ ଯେ ତୁରନ୍ତ ମହିଳା ସଂରକ୍ଷଣ ଆଇନ ଲାଗୁ କରିବାପାଇଁ ଆମେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ପଠାଉଛୁ। ତୁରନ୍ତ ଲୋକସଭାର ବର୍ତମାନ ସ୍ଥିତିରେ ଥିବା ୫୪୩ ଆସନକୁ ନେଇ ୩୩ ପ୍ରତି ସଂରକ୍ଷଣ ଲାଗୁ କରାଯାଉ। ସାରା ଦେଶରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୧୦ ଲକ୍ଷ ମହିଳା ଏହି ପତ୍ର ପଠାଇବା ପାଇଁ ମହିଳା କଂଗ୍ରେସର ରାଷ୍ଟ୍ରୀୟ ସଭାନେତ୍ରୀ ଅଳକା ଲାମ୍ବା କହିଛନ୍ତି। ଏହି ୩୩ ପ୍ରତିଶତ ସଂରକ୍ଷଣରେ ଓବିସି, ଏସସି ଏବଂ ଏସଟି ମହିଳା ମାନଙ୍କ ପାଇଁ ସଂରକ୍ଷଣ ସ୍ଥିର କରାଯାଉ। ସେ କହିଥିଲେ ଯେ କଂଗ୍ରେସ ମହିଳା ସଂରକ୍ଷଣ ଆଇନ ଲାଗୁ ହେବାରେ ପ୍ରତିବନ୍ଧକ ହେଉଛି ବୋଲି ବିଜେପି ଅପପ୍ରଚାର କରୁଛି। ବାସ୍ତବତା କଣ ଲୋକେ ବୁଝିଛନ୍ତି। ମହିଳା ସଂରକ୍ଷଣ ଆଇନ ସହିତ ସୀମା ପୁନଃ ନିର୍ଦ୍ଧାରଣକୁ ଯୋଡ଼ି ବିଜେପି ନିଜର ଦଳୀୟ ସ୍ୱାର୍ଥ ହାସଲ କରିବାସହ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ହତ୍ୟାକରିବାପାଇଁ ଷଡ଼ଯନ୍ତ୍ର କରିଥିଲା। କଂଗ୍ରେସ ଏବଂ ଅନ୍ୟାନ୍ୟ ସହଯୋଗୀ ଦଳ ଗଣତନ୍ତ୍ରର ସମ୍ମାନ ବଜାୟ ରଖିବା ସହ ମହିଳା ସଂରଣକ୍ଷ ଆଇନ ତୁରନ୍ତ ଲାଗୁ କରିବାକୁ ଦୃଢ଼ ଦାବି କରୁଛି।

# ଜନ୍ମ ସମୟରେ ଲିଙ୍ଗ ଅନୁପାତ ୯୦୪ରୁ ୯୧୭କୁ ବୃଦ୍ଧି

ନୂଆଦିଲ୍ଲୀ,୩୦।୪(ପିଆଇବି): କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱରଠାରେ ''ବିକାଶ ପାଇଁ ତଥ୍ୟ'' ଉପରେ ଜାତୀୟ ବିଚାରବିମର୍ଶ ସମ୍ମିଳନୀ ଅନୁଷ୍ଠିତ ହେଉଛି । ଏହି ଅବସରରେ ''ଭାରତରେ ମହିଳା ଏବଂ ପୁରୁଷ ୨୦୨୫: ଚୟନିତ ସୂଚକ ଏବଂ ତଥ୍ୟ' ଶୀର୍ଷକ ପ୍ରକାଶନର ୨୭ତମ ସଂସ୍କରଣ ଉନ୍‌ମୋଚନ କରାଯାଇଛି ।

ଏହି ପ୍ରକାଶନରେ ଜନସଂଖ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଅଂଶଗ୍ରହଣ, ନିଷ୍ପତ୍ତି ନେବାର କ୍ଷମତା, ମହିଳା ବିରୋଧୀ ହିଂସା ଏବଂ ଅନ୍ୟାନ୍ୟ ଲିଙ୍ଗ-ସମ୍ବନ୍ଧୀୟ ପ୍ରସଙ୍ଗ ସମେତ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଚୟନିତ ସୂଚକଗୁଡ଼ିକର ଏକ ସଂକଳନ ମାଧ୍ୟମରେ ଭାରତରେ ମହିଳା ଓ ପୁରୁଷଙ୍କ ସ୍ଥିତିର ଏକ ବ୍ୟାପକ ଅବଲୋକନ ପ୍ରସ୍ତୁତ କରାଯାଇଛି । ଏଥିରେ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଏବଂ ସଂଗଠନରୁ ମିଳିଥିବା ସୂଚନାର ଉପଯୋଗ କରାଯାଇଛି । ସ୍ୱଷ୍ଟତା ବୃଦ୍ଧି କରିବା ଏବଂ ପ୍ରକାଶନରେ ଉପସ୍ଥାପିତ ତଥ୍ୟର ଅନ୍ତର୍ନିହିତ ଅବଧାରଣା, ପରିଭାଷା, ଉତ୍ସ ଏବଂ ପଦ୍ଧତିଗତ ଦିଗଗୁଡ଼ିକୁ ଭଲ ଭାବରେ ବୁଝିବାରେ ସାହାଯ୍ୟ କରିବା ପାଇଁ ୫୦ଟି ପ୍ରମୁଖ ସୂଚକ ଲାଗି ମେଟାଡାଟାକୁ ମଧ୍ୟ ଏଥିରେ ଯୋଡାଯାଇଛି ।

ସରକାରୀ ତଥ୍ୟ ଆଧାରରେ ଏହି ପ୍ରକାଶନର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ବିଷୟ ଉପରେ ଲିଙ୍ଗ-ବିଭାଜିତ ତଥ୍ୟ ପ୍ରଦାନ କରିବା । ଏଥିରେ ଗ୍ରାମୀଣ-ସହରୀ ବର୍ଗୀକରଣ, ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ଏବଂ ଉପଲବ୍ଧ ହେବା ସ୍ଥିତିରେ ଠିକ୍ ସମୟରେ ସଂକେତକ ପ୍ରସ୍ତୁତ କରାଯାଇଛି । ଏହା ସାରା ଦେଶରେ ବିକଶିତ ହେଉଥିବା ଲିଙ୍ଗଗତ ଅସମାନତା ଏବଂ ବିକାଶ ଧାରା ବିଷୟରେ ଗଭୀର ଭାବେ ବୁଝିବାରେ ସାହାଯ୍ୟ କରିବ ।

ପ୍ରମୁଖ ସାମାଜିକ-ଆର୍ଥିକ ସଂକେତକଗୁଡ଼ିକର ବିଶ୍ଳେଷଣ ପ୍ରସ୍ତୁତ କରି ତଥା ଉଦୀୟମାନ ଧାରାଗୁଡ଼ିକ ଉପରେ ଆଲୋକପାତ କରି, ଏହି ପ୍ରକାଶନ ନୀତି ନିର୍ଦ୍ଧାରକ, ଗବେଷକ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ସମାବେଶୀ ଓ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଲିଙ୍ଗ-ସମ୍ବେଦନଶୀଳ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଲାଗି ମୂଲ୍ୟବାନ ପ୍ରମାଣ ପ୍ରଦାନ କରେ।

ସର୍ବଭାରତୀୟ ସ୍ତରରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ବୃଦ୍ଧି ପାଇଛି । ଏହା ୨୦୧୭-୧୯ରେ ୯୦୪ରୁ ବୃଦ୍ଧି ପାଇ ୨୦୨୧-୨୩ରେ ୯୧୭ରେ ପହଞ୍ଚିଛି । ଏହି ତଥ୍ୟ ମହିଳାଙ୍କ ଜୀବିତ ରହିବାର ହାରରେ ସୁଧାର ଆସିଥିବା ସଂକେତ ଦେଇଥାଏ ।୨୦୦୮ ରୁ ୨୦୨୩ ମଧ୍ୟରେ ପୁଅ ଓ ଝିଅ ଉଭୟଙ୍କ ପାଇଁ ଶିଶୁ ମୃତ୍ୟୁ ହାରରେ ଉଲ୍ଲେଖନୀୟ ଏବଂ ନିରନ୍ତର ହ୍ରାସ ଦେଖିବାକୁ ମିଳିଛି ।ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ସମସ୍ତ ସ୍ତରରେ ମହିଳା-ପୁରୁଷ ଲିଙ୍ଗଗତ ସମାନତା ହାସଲ କରାଯାଇଛି । ଉଚ୍ଚଶିକ୍ଷାରେ ମୋଟ ନାମଲେଖା ଅନୁପାତ ୨୦୨୧-୨୨ ଏବଂ ୨୦୨୨-୨୩ ମଧ୍ୟରେ ମହିଳାଙ୍କ କ୍ଷେତ୍ରରେ ୨୮.୫ ରୁ ବୃଦ୍ଧି ପାଇ ୩୦.୨ ଏବଂ ପୁରୁଷଙ୍କ କ୍ଷେତ୍ରରେ ୨୮.୩ ରୁ କ୍ଷେତ୍ରରେ ୨୮.୯ ରେ ପହଞ୍ଚିଛି ।

୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ପୁଅ ଏବଂ ଝିଅ ଉଭୟଙ୍କ ପାଇଁ ଶ୍ରମଶକ୍ତି ଅଂଶଗ୍ରହଣ ହାର ବୃଦ୍ଧି ପାଇଛି । ଗ୍ରାମୀଣ ମହିଳାମାନଙ୍କ କ୍ଷେତ୍ରରେ ଏହି ହାରରେ ସର୍ବାଧିକ ବୃଦ୍ଧି ଦେଖିବାକୁ ମିଳିଛି । ୨୦୨୨ ରୁ ୨୦୨୫ ମଧ୍ୟରେ ୩୭.୫ ପ୍ରତିଶତରୁ ୪୫.୯ ପ୍ରତିଶତକୁ ବୃଦ୍ଧି ପାଇଛି ।

୨୦୧୭ ରୁ ୨୦୨୫ ମଧ୍ୟରେ ପରିଚାଳକ ପଦବୀରେ ନିଯୁକ୍ତ ପୁରୁଷଙ୍କ ସଂଖ୍ୟା ୭୩.୮୦ ପ୍ରତିଶତ ବୃଦ୍ଧି ପାଇଥିବାବେଳେ, ସେହି ସମୟ ମଧ୍ୟରେ ପରିଚାଳକ ପଦବୀରେ ନିଯୁକ୍ତ ମହିଳାଙ୍କ ସଂଖ୍ୟା ୧୦୨.୫୪ ପ୍ରତିଶତ ବୃଦ୍ଧି ପାଇଛି।

# ନେତାଙ୍କୁ ହତ୍ୟା ଉଦ୍ୟମ ନିନ୍ଦନୀୟ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କୁ ଅସଫଳ ହତ୍ୟା ଉଦ୍ୟମ ପ୍ରଥମ ଥର ନୁହେଁ, ଏହା ତାଙ୍କୁ ତୃତୀୟ ଥର ହତ୍ୟା ତେବେ ଏଥର ହତ୍ୟା ଉଦ୍ୟମ ହୋଇଛି। ଏପରି ଏକ ସମୟରେ ଯେଉଁ ସମୟରେ କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱ ଉଭୟ ଶକ୍ତି (ଇନ୍ଧନ) ଏବଂ ଆର୍ଥୀକ ଅସ୍ଥିରତା ମୁହାଁ ହୋଇଛି। କହିବା ବାହୁଲ୍ୟ ଯେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଭାବେ ଆକ୍ରମଣ ପରେ ଏହାର ପ୍ରଭାବ ଏବେ ସମଗ୍ର ବିଶ୍ୱରେ ଅନୁଭୂତ ହୋଇଛି। ଆମେରିକା ସମେତ ସାରା ବିଶ୍ୱରେ ଶକ୍ତି ସଂକଟ ନେଇ ଆତଙ୍କିତ ଅବସ୍ଥା ସୃଷ୍ଟି ହୋଇଥିବାବେଳେ ବିଶ୍ୱ ଅର୍ଥନୀତି ଅସ୍ଥିରତା ଆଡକୁ ଗତି କରୁଛି । ଯୁଦ୍ଧ ଯଦି ଆଉ କିଛି ଦିନ ଚାଲୁ ରହେ, ତେବେ ସମଗ୍ର ବିଶ୍ୱରେ ଉତ୍କଟ ଶକ୍ତି ସଂକଟ ଯୋଗୁଁ ତାଲାବନ୍ଦ ସ୍ଥିତିକୁ ଆସିଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। କେବଳ ଏତିକି ନୁହେଁ, ଯୁଦ୍ଧ ଯୋଗୁଁ ଆମେରିକା ଗୁରୁତର ଆର୍ଥୀକ କ୍ଷତିର ସମ୍ମୁଖୀନ ହୋଇଥିବାବେଳେ ଦରଦାମ ବୃଦ୍ଧି ଯୋଗୁଁ ତାଙ୍କ ବିରୁଦ୍ଧରେ ଏବେ ଅସନ୍ତୋଷ ତୀବ୍ର ଆକାର ଧାରଣ କରିଛି। ଏହି ହତ୍ୟା ଉଦ୍ୟମର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ତାଙ୍କର ତୃଟିପୂର୍ଣ୍ଣ ନୀତି ଓ ଜନଅସନ୍ତୋଷର କାରଣ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। କହିବା ବାହୁଲ୍ୟ ଯେ, ଦୁଇବର୍ଷ ତଳେ ଯେତେବେଳେ ଦ୍ୱିତୀୟ ଥର ଲାଗି ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ, ସେତେବେଳେ ସର୍ବାଧିକ ଲୋକପ୍ରିୟ ଭୋଟ ପାଇବାର ଗୌରବ ଅର୍ଜନ କରିଥିଲେ। କିନ୍ତୁ ବିଭିନ୍ନ କ୍ଷେତ୍ରରେ ତାଙ୍କର ତୃଟିପୂର୍ଣ୍ଣ ନୀତି ଏବେ ତାଙ୍କ ଅତ୍ୟନ୍ତ ଅପ୍ରିୟ କରିଦେଇଥିବା ଏକ ଜନମତ ସର୍ଭେ ରିପୋର୍ଟରେ କୁହାଯାଇଛି। ତାଙ୍କ ବିରୁଦ୍ଧରେ ୫୮ ପ୍ରତିଶତ ମତ ପ୍ରକାଶ ପାଇଥିବାବେଳେ ମାତ୍ର ୩୯ ପ୍ରତିଶତ ତାଙ୍କ ନୀତିକୁ ସମର୍ଥନ କରିଥିବା ସର୍ଭେ ରିପୋର୍ଟରୁ ଜଣାଯାଏ। ଏଥିରୁ ସେ ଏବେ ଆମେରିକାରେ କେତେ ଅପ୍ରିୟ ତାହା ସ୍ପଷ୍ଟ ବୁଝାପଡେ। ତାଙ୍କର ଭିସାନୀତି, ବିଦେଶୀ ରାଷ୍ଟ୍ରଙ୍କ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ ନୀତି, ଇରାନ ଉପରେ ଆକ୍ରମଣ, ଅହଂକାର ପୂର୍ଣ୍ଣ ବିଭ୍ରାନ୍ତିକର ବୟାନବାଜୀ ତାଙ୍କୁ ଲୋକପ୍ରିୟତା ହରାଇବାର ମୂଳ କାରଣ ବୋଲି କୁହାଯାଇପାରେ। ଯେଉଁଥିପାଇଁ ବି ତାଙ୍କ ବିରୁଦ୍ଧରେ ଦ୍ୱିତୀୟ ପାଳି ଶାସନର ମାତ୍ର ଦୁଇବର୍ଷ ମଧ୍ୟରେ ତିନି ତିନ ଥର ରାଷ୍ଟ୍ରବ୍ୟାପୀ ଅଦ୍‌ଭୂତପୂର୍ବ ବିକ୍ଷୋଭ, ଶୋଭଯାତ୍ରା ହୋଇସାରିଲାଣି। ଏଥିରୁ ସେ କିଛି ଶିକ୍ଷା କରିପାରିନଥିବା ମନେ ହୁଏ। ତେବେ ଇରାନ ଉପରେ ଅଚାନକ ଆକ୍ରମଣର କାରଣ କ'ଣ ତାହା ଅସ୍ପଷ୍ଟ ରହିଛି। ଯାହାକି ତାଙ୍କର ଲୋକପ୍ରିୟତାକୁ ଅପ୍ରିୟତାରେ ପରିଣତ କରିଦେଇଛି। ଏହା ନିଶ୍ଚିତ ଯେ, ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ଇରାନ ସହ ଆମେରିକାର ସମ୍ପର୍କ ଭଲ ନାହିଁ। ଏହା ସତ୍ୱେ ଜର୍ଜ ବୁଶଙ୍କ ଠାରୁ ଆରମ୍ଭ କରି ବାଇଡେନଙ୍କ ପର୍ଯ୍ୟନ୍ତ କୌଣସି ଆମେରିକୀୟ ରାଷ୍ଟ୍ରପତି ଇରାନ ଉପରେ ଆକ୍ରମଣ କରିବାକୁ କେବେ ବି ଚିନ୍ତା କରିନଥିଲେ। କିନ୍ତୁ ଭେନେଜୁଏଲାର ତୈଳ ଭଣ୍ଡାର ଅକ୍ତିଆର କରିବା ପରେ ଇରାନର ତୈଳ ଭଣ୍ଡାର ଅକ୍ତିଆର କରିବା ପାଇଁ ତାଙ୍କର ଥିଲା। ଏଥିପାଇଁ ଇସ୍ରାଏଲ ତାଙ୍କୁ ଉତ୍ସାହିତ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଭେନେଜୁଏଲାଙ୍କୁ ରାତି ଅଧିଆ ଦଖଲ କରିବା ଭଳି ଇରାନକୁ ମାତ୍ର ଦୁଇ ତିନି ଦିନରେ ଅକ୍ତିଆର କରିନେବା ଭାବିଥିଲେ। ଯୁଦ୍ଧ ଯେ, ଦୀର୍ଘକାଳୀନ ହେବ, ଏହା ସେ କେବେ ବି ଚିନ୍ତା କରିନଥିଲେ। ଇରାନ ଉପରେ ଆକ୍ରମଣ ତାଙ୍କ ପାଇଁ କେବଳ ମହଙ୍ଗା ହୋଇନାହିଁ, ବୁମେରାଂ ହୋଇଛି। ଆମେରିକାରେ ତାଙ୍କ ବିରୁଦ୍ଧରେ ଅସନ୍ତୋଷର ବହ୍ନି ତୀବ୍ର ହେଉଥିବାବେଳେ ନାଟୋରେ ଏକ ଘରିକିଆ ହୋଇଯାଇଛନ୍ତି। ଇରାନ ଯୁଦ୍ଧରେ ନାଟୋ ସଦସ୍ୟଙ୍କ ଅସହଯୋଗ ଏହାର ଜ୍ୱଳନ୍ତ ଉଦାହରଣ। ସେହିପରି ଜାତିସଂଘ ନିରାପତା ପରିଷଦରେ ଇରାନ ବିରୋଧି ପ୍ରସ୍ତାବ ଗୃହୀତ ହୋଇନପାରିବା ଆମେରିକାର ବଡ ଭାଇପଣିଆ ତଥା ବୃହତ ମହାଶକ୍ତି ରାଷ୍ଟ୍ରର ମର୍ଯ୍ୟଦା ପ୍ରତି ଆଂଚ ଆଣିଛି। ଏଥିରେ ସନ୍ଦେହ ନାହିଁ। ଯାହାକି ତାଙ୍କୁ ତୃତୀୟ ଥର ହତ୍ୟା ଉଦ୍ୟମର କାରଣ ବୋଲି ଅନୁମାନ କରାଯାଇପାରେ। ଅବଶ୍ୟ ରାଷ୍ଟ୍ରପତିଙ୍କୁ ହତ୍ୟା କିମ୍ବା ଉଦ୍ୟମ ନୂଆ ନୁହେଁ। ଅତୀତରେ ୪ଜଣ ଆମେରିକୀୟ ରାଷ୍ଟ୍ରପତି ଆତତାୟୀ ଗୁଳିରେ ହତ୍ୟାର ଶିକାର ହୋଇଥିଲେ ରିପବ୍ଲିକାନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ (୧୮୬୫), ଡେମୋକ୍ରାଟ ରାଷ୍ଟ୍ରପତି ଜନ ଏଫ କେନେଡି (୧୯୬୩)ଙ୍କ ସହ ୪ଜଣ ରାଷ୍ଟ୍ରପତି କ୍ଷମତାରେ ଥିବାବେଳେ ହତ୍ୟାର ଶିକାର ହୋଇଥିଲେ। ସେହିପରି ୨୦୦୭ରେ ପ୍ରକାଶିତ ଏକ ଗବେଷଣାମୂଳକ ସେବା ରିପୋର୍ଟରେ ଆମେରିକାର ୪୨ଜଣ ରାଷ୍ଟ୍ରପତିଙ୍କ ମଧ୍ୟରୁ ୧୦ଜଣଙ୍କ ଉପରେ ହତ୍ୟା ଉଦ୍ୟମ ହୋଇଥିବା କୁହାଯାଇଛି। ଭରପୁର ଉତ୍ସର୍ବରେ କଡା ସୁରକ୍ଷା ବଳୟ ଭେଦ କରି ଜଣେ ଉଚ୍ଚଶିକ୍ଷିତ ଯୁବକ ତାଙ୍କୁ ହତ୍ୟା କରିବା ଉଦ୍ୟମରୁ ଟ୍ରମ୍ପ କିଛି ଶିକ୍ଷା କରିବା ଉଚିତ। ଜନ ଅସନ୍ତୋଷକୁ ପ୍ରଶମିତ କରିବା ଲାଗି ଇରାନ ସହ ଯୁଦ୍ଧ ବନ୍ଦ ଘୋଷଣା କରିବା ଉଚିତ। ଯାହାକି କେବଳ ତାଙ୍କ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ମଙ୍ଗଳକର ହେବ।

# ଜନତା, ଜନଜାଗରଣ ଓ ଗଣମାଧ୍ୟମ

## ଗୋଲଖ ଚନ୍ଦ୍ର ଦାସ

ବର୍ତ୍ତମାନ ଭାରତ ସରକାରଙ୍କ ତରଫରୁ ଜନଗଣନା ସାରା ଦେଶରେ ଚାଲିଛି । ଓଡିଶାରେ ମଧ୍ୟ ଚାଲିଛି । ଜନଗଣନା କର୍ମୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି । ତଥାପି ଜନତା ସଚେତନ ନାହାଁନ୍ତି ନିଜର ଜନ ଗଣନା କରିବାକୁ । କେଉଁଠି ଜନଗଣନା କର୍ମୀଙ୍କୁ ମାଡ ମାରୁଛନ୍ତି ଓ କେଉଁଠି ଖରାପ ବ୍ୟବହାର କରୁଛନ୍ତି । କେଉଁଠି ତଥ୍ୟ ଦେବାକୁ ମନା କରୁଛନ୍ତି । କିଏ କହୁଛନ୍ତି ଆମ ଘର ଚଟାଣ ମାର୍ବଲରେ ହୋଇଛି ବୋଲି କାହିଁକି ଲେଖିବ, କିଏ କହୁଛନ୍ତି ଆମ ଘର ପଥରରେ ହୋଇଛି ବୋଲି କାହିଁକି ଲେଖିବ, ଆମ ବିଲିଡିଂରେ କେତୋଟି ଘର ଅଛି କାହିଁକି ଲେଖିବ, ଆମ ବିଲିଡିଂରେ କେତେ ଜଣ ଭଡାରେ ରହୁଛନ୍ତି କାହିଁକି ଲେଖିବ,ଲାପଟପ, କମ୍ପ୍ୟୁଟର, ଦୁଇ ଚକିଆ ଯାନ, ଚାରି ଚକିଆ ଯାନ, ଆମ ଘରକୁ ପାଣି କେଉଁଠୁ ଆସୁଛି, ଆମ ଘରେ ଗାଧୁଆ ଘର, ପାଇଖାନା, ରୋଷାଇ ଘର , ଗ୍ୟାସ କନେସନ ଅଛି କି ନାହିଁ କାହିଁକି ଲେଖିବେ । ଆମେ ରୋଷାଇ କିପରି କରୁଛୁ ? କାଠ ଜାଳି କରୁଛୁ କି ଇଲେକ୍ଟ୍ରି ଚୁଲାରେ କରୁଛୁ ..ଇତ୍ୟାଦି ଇତ୍ୟାଦି ୩୨ଟି ପ୍ରଶ୍ନର ଉତ୍ତର ଆମେ କାହିଁକି ଦେବୁ । ଏସବୁ କ'ଣ ପାଇଁ ଆମେ ଜଣାଇବୁ ?

ଏଥିରୁ ଜଣାପଡୁଛି ଜନଗଣନା ପାଇଁ ଜନତା ସଚେତନ ନାହାଁନ୍ତି । ଏଥିପାଇଁ ଜନଜାଗରଣ ଦରକାର । ଜନସଚେତନତା ପାଇଁ ମୁଖ୍ୟ ଭୂମିକା ହେଉଛି ଗଣମାଧ୍ୟମର । ଗଣମାଧ୍ୟମରେ ଜନଗଣନା ବିଷୟରେ ଯେତେ ଚର୍ଚ୍ଚା ଆଲୋଚନା ହେବ ଜନତା ସେତେ ସଚେତନ ହେବେ ।

ସମୟ ସହିତ ଜଗତୀକରଣର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ବିଂଶ ଶତାବ୍ଦୀର ଶେଷ ଦଶନ୍ଧି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଦେଶକୁ ଦ୍ରୁତ ପ୍ରଗତି ପଥରେ ଆଗକୁ ବଢ଼ିବାକୁ ହୁଏ, ତେବେ ତାକୁ ବିଶ୍ୱର ଅନ୍ୟ ଦେଶ ସହିତ ସଂଯୋଗ ସ୍ଥାପନ କରିବା ଆବଶ୍ୟକ। ଏବଂ ଏହି ସଂଯୋଗ ସେତେବେଳେ ସମ୍ଭବ ଯେତେବେଳେ ସମସ୍ତ ପ୍ରକାରର ପ୍ରାସଙ୍ଗିକ ଏବଂ ଉପଯୋଗୀ ସୂଚନା ଏବଂ ତଥ୍ୟ ସମସ୍ତ ଲୋକଙ୍କ ପାଖରେ ନିରବଚ୍ଛିନ୍ନ ଭାବରେ ପହଞ୍ଚିବ। ସୂଚନା ବିନା ସମାଜ ନୂତନ ଯୁଗର ଚାହିଦା ପୂରଣ କରିବାରେ ସମ୍ପୂର୍ଣ୍ଣ ଅସହାୟ ହୋଇଯାଏ। ବିକାଶର ପ୍ରତିଯୋଗିତାରେ ସେ ପଛରେ ପଡ଼ିଯିବା ଆରମ୍ଭ କରେ। ସୌଭାଗ୍ୟବଶତଃ ଭାରତରେ ଏହା ଘଟି ନାହିଁ। ଏଠାରେ ଦଶନ୍ଧି ପୂର୍ବରୁ ସୂଚନା ଏବଂ ଜ୍ଞାନର ଏକ ବ୍ୟବସ୍ଥା ବିକଶିତ ହୋଇସାରିଛି, ଯାହା ଦେଶର ଅବସ୍ଥା ଏବଂ ଦିଗ ନିର୍ଣ୍ଣୟ କରିବାରେ ଏକ ବଡ଼ ଅବଦାନ ରଖିଛି। ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ଭୂମିକା ଗ୍ରହଣ କରିଛି ଏବଂ ଆମ ସରକାର ଗଣମାଧ୍ୟମକୁ ଏହି ଭୂମିକା ଗ୍ରହଣ କରିବା ପାଇଁ ପ୍ରଚୁର ସ୍ୱାଧୀନତା ଏବଂ ଅଧିକାର ପ୍ରଦାନ କରିଛି।

ଗଣମାଧ୍ୟମ କିମ୍ବା ସାମାଜିକ ଗଣମାଧ୍ୟମ ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରେ। ସରକାର ଏବଂ ଲୋକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରି, ଗଣମାଧ୍ୟମ ଉଭୟ ପକ୍ଷର ମତାମତ ପରସ୍ପର ନିକଟରେ ପହଁଚାଏ ଏବଂ ସେମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବିକଶିତ କରେ। ସ୍ୱାଧୀନ ଭାରତର ଆର୍ଥିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ଗଣମାଧ୍ୟମର ଅବଦାନ ରହିଛି। ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି। ଏହାକୁ ବିନା କାରଣରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟ ତିନୋଟି ଅଙ୍ଗ ନ୍ୟାୟପାଳିକା, ବିଧାୟିକା ଏବଂ କାର୍ଯ୍ୟପାଳିକାଠାରୁ ଗଣମାଧ୍ୟମ ସମ୍ପୂର୍ଣ୍ଣ ଭିନ୍ନ, ଏହା ହେଉଛି ବ୍ୟବସ୍ଥାର ଏକମାତ୍ର ଅଂଶ ଯାହା ସମାଜର ଶେଷ ସୋପାନରେ ଠିଆ ହୋଇଥିବା ବ୍ୟକ୍ତି ନିକଟରେ ପହଞ୍ଚିବା ପାଇଁ ପଦକ୍ଷେପ ନିଏ। ବ୍ୟକ୍ତି ଯେତେବେଳେ ଚାହିଁବ ଏହା ସହିତ ଯୋଗାଯୋଗ କରିପାରିବ, କାରଣ ସେ ନିଶ୍ଚିତ ଯେ ଏଠାରେ ତାଙ୍କର କଥା ଶୁଣାଯିବ, ତାକୁ ସଠିକ୍ ସ୍ଥାନକୁ ନେଇ ସମାଧାନ ପାଇବାରେ ପୂର୍ଣ୍ଣ ସହାୟତା ମିଳିପାରିବ ।

ଗଣମାଧ୍ୟମ ତାର ଏହି ଆତ୍ମବିଶ୍ୱାସକୁ କେବେ କ୍ଷୀଣ ହେବାକୁ ଦେଇନାହିଁ। ଗତ କିଛି ଦଶନ୍ଧି ମଧ୍ୟରେ ଆମେ ସମୟ ସମୟରେ ଦେଖିଛୁ ଯେ ଦେଶର ଗଣମାଧ୍ୟମ ସାଧାରଣ ଲୋକଙ୍କ ଶକ୍ତି ପାଲଟିଛି। ତାଙ୍କୁ ଶୋଷଣ ଏବଂ ଅନ୍ୟାୟଚକ୍ରରୁ ମୁକ୍ତି ଦେଉଥିବାର ଦେଖିଛୁ । ଯେତେବେଳେ କୌଣସି ସରକାର ସାଧାରଣ ଲୋକଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରିଛନ୍ତି, ସେତେବେଳେ ଗଣମାଧ୍ୟମ ଏହାର ଜନବିରୋଧୀ ନୀତିରୁ ମୁକ୍ତି ପାଇବାରେ ଲୋକଙ୍କୁ ସାହାଯ୍ୟ କରିଛି। ଏପରି ଅନେକ ଘଟଣା ଘଟିଛି ଯେତେବେଳେ ଗଣମାଧ୍ୟମ କେତେବେଳେ ଜନସାଧାରଣଙ୍କ ସ୍ୱର ପାଲଟିଛି, କେତେବେଳେ ଆଖି ପାଲଟିଛି, ଆଉ କେତେବେଳେ ମସ୍ତିଷ୍କ ପାଲଟିଛି ଏବଂ ସମସ୍ତଙ୍କୁ ସଠିକ୍ ପଥ ଦେଖାଇଛି। ସ୍ୱାଧୀନତାଠାରୁ ଜରୁରୀକାଳୀନ ପରିସ୍ଥିତି ପର୍ଯ୍ୟନ୍ତ, ଆନ୍ଦୋଳନଠାରୁ ଯୁଦ୍ଧ ସମୟ ପର୍ଯ୍ୟନ୍ତ, ଆଧୁନିକ ଯୁଗରେ ମଧ୍ୟ ଆମେ ଗଣମାଧ୍ୟମର ଏହି ଅବିଶ୍ୱସନୀୟ ଶକ୍ତିକୁ ବାରମ୍ବାର ଦେଖିଛୁ। ଭାରତୀୟ ଗଣମାଧ୍ୟମ ସବୁବେଳେ ସମାଜ ଏବଂ ଦେଶର ପ୍ରତ୍ୟେକ ଛୋଟ ୟୁନିଟରେ ଉନ୍ନତି ଏବଂ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଯଦି ଆଜି ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର, ତେବେ ଏଥିରେ ଗଣମାଧ୍ୟମର ମଧ୍ୟ ଏକ ବଡ଼ ଭୂମିକା ରହିଛି।ଏକବିଂଶ ଶତାବ୍ଦୀର ଆରମ୍ଭରୁ ବିଶ୍ୱ, ସମାଜ ଏବଂ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଗଣମାଧ୍ୟମ ମଧ୍ୟ ଏହି ପରିବର୍ତ୍ତନର ପ୍ରଭାବରୁ ଅସ୍ପୃଶ୍ୟ ରହିନାହିଁ। ଗଣମାଧ୍ୟମର ଭୂମିକା ମଧ୍ୟ ପରିବର୍ତ୍ତନ ହେଉଛି। ଏହି ନୂତନ ଭୂମିକା ତାଙ୍କୁ ତାଙ୍କର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରୁ ବିଚଳିତ କରୁଛି। ତେଣୁ ଲୋକମାନେ ଏବେ ଗଣମାଧ୍ୟମ ଉପରୁ ବିଶ୍ୱାସ ହରାଉଛନ୍ତି।

ଆଜିରଯୁଗ ସୂଚନା ବିପ୍ଳବର ଯୁଗ ହୋଇଥିବାରୁ ଏହା ଗଣମାଧ୍ୟମର ଶକ୍ତି ଏବଂ ଗତି ଉଭୟକୁ ବୃଦ୍ଧି କରିଛି। ଏବେ ଆମେ ପୂର୍ବ ଅପେକ୍ଷା ବହୁତ ଶୀଘ୍ର ସୂଚନା ପାଇପାରୁଛୁ, ଏବଂ ସେହି ସୂଚନାକୁ ଆହୁରି ଦ୍ରୁତ ଗତିରେ ଜନସାଧାରଣଙ୍କ ନିକଟରେ ପହଁଚାଇପାରୁଛୁ। ପ୍ରଯୁକ୍ତିବିଦ୍ୟା ବିକାଶର ପରିବର୍ତ୍ତନ ଯୋଗୁଁଆମକୁ ମିଳିଥିବା ଏହି ନୂତନ ଶକ୍ତିକୁ ଆମେ ଚିହ୍ନି ପାରିଛୁ, କିନ୍ତୁ ଆମେ ଏପର୍ଯ୍ୟନ୍ତ ଏହାକୁ ସଠିକ୍ ଭାବରେ ବ୍ୟବହାର କରିପାରୁନାହୁଁ। ପାରମ୍ପରିକ ଧାରଣା ଅନୁଯାୟୀ ଗଣମାଧ୍ୟମର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୂଚନା, ଶିକ୍ଷା ଏବଂ ମନୋରଞ୍ଜନ। କିନ୍ତୁ ବର୍ତ୍ତମାନ ସମୟରେ ଅନ୍ୟମାନଙ୍କଠାରୁ ଆଗରେ ରହିବାର ଦୌଡ଼ରେ ଆମେ ଖବରକୁ ମନୋରଞ୍ଜନର ଏକମାତ୍ର ମାଧ୍ୟମ କରିଚାଲିଛୁ। ଏହା ଯୋଗୁଁ ସବୁଠାରୁ ବଡ଼ କ୍ଷତି ସାଧାରଣ ଲୋକଙ୍କର ହୋଇଛି, ଯାହାଙ୍କ ଉନ୍ନତି ଏବଂ କଲ୍ୟାଣ ଆମର ପ୍ରାଥମିକ ଦାୟିତ୍ୱ। ଆମେ ତାଙ୍କୁ ଏପରି ସୂଚନାର ସମୁଦ୍ରରେ ଛାଡ଼ି ଦେଇଛୁ ଯେଉଁଠାରେ ସେ ଠିକ୍ ଏବଂ ଭୁଲ ଏବଂ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାର କ୍ଷମତା ହରାଇ ବସିଛନ୍ତି। ସେ ବୁଝିପାରୁନାହାଁନ୍ତି ଯେ କେଉଁ ସୂଚନା ତାଙ୍କ ସ୍ୱାର୍ଥରେ ଏବଂ କେଉଁଟି ତାଙ୍କ ବିରୁଦ୍ଧରେ ଯାଇପାରେ।

ସ୍ୱାଧୀନ ଭାରତର ଗଣମାଧ୍ୟମ ଅର୍ଥନୈତିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ବହୁତ ଅବଦାନ ରଖିଛି। ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି। ଗଣମାଧ୍ୟମକୁ ସୁଦୃଢ଼ କରିବା ପାଇଁ ଆମକୁ ଆମର ମୂଳକୁ ଫେରିବାକୁ ପଡିବ ଏବଂ ଚାଞ୍ଚଲ୍ୟକର ତଥ୍ୟ ଦେବାସହ ସଠିକ୍ ସୂଚନା ଏବଂ ସଠିକ୍ ଶିକ୍ଷା ପ୍ରଦାନ କରିବା ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ। ପ୍ରକୃତ ଏବଂ ତଥ୍ୟଭିତ୍ତିକ ସୂଚନାର ବାହକ ହୋଇ, ଗଣମାଧ୍ୟମ ଲୋକମାନଙ୍କୁ ସଠିକ୍ ବିଷୟବସ୍ତୁ ପାଇବାରେ ଏବଂ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିପାରିବ। ଆଜି ପ୍ରତିଯୋଗିତାର ଚକ୍ରରେ ଖବରକୁ ମସଲାଯୁକ୍ତ କରି, ଏହାର ମୂଳ ସଂରଚନା ପରିବର୍ତ୍ତେ, ଏହାକୁ ଏକ ନୂତନ ରୂପରେ ବିକୃତ କରାଯାଉଛି। ଏପରିକି ମନୋରଞ୍ଜନ ସାମଗ୍ରୀରେ ପରିଣତ କରାଯାଉଛି, ଯାହା ଫଳରେ ସେଗୁଡ଼ିକ ସେମାନଙ୍କର ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଉଛନ୍ତି ଏବଂ ସାଧାରଣ ଲୋକଙ୍କୁ ପ୍ରେରଣା ଦେଇପାରୁ ନାହାଁନ୍ତି। ଗଣମାଧ୍ୟମ କେବଳ ଖବର ଭାବରେ ଖବରକୁ ଉପସ୍ଥାପନ କରିବା ଉଚିତ, ଯାହା ଦ୍ୱାରା ଏହା ପାଠକ କିମ୍ବା ଦର୍ଶକଙ୍କୁ ଚିନ୍ତା କରିବାକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ମାର୍ଗଦର୍ଶନ କରିବ।

ଗଣମାଧ୍ୟମ ହେଉଛି ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ସେତୁ ଏହା ସତ୍ୟ ଯେ ଗଣମାଧ୍ୟମ ସାଧାରଣ ଲୋକଙ୍କ ସ୍ୱର, କିନ୍ତୁ ଏହାର ଭୂମିକା ଏତିକିରେ ସୀମିତ ନୁହେଁ। ସେ ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି। ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ ସେ ତାଙ୍କର ମତାମତ, ଆବଶ୍ୟକତା ଏବଂ ସମସ୍ୟା ସରକାରଙ୍କ ନିକଟରେ ପହଁଚାଇପାରିବେ ଏବଂ ଜନ କଲ୍ୟାଣ ନୀତି ପ୍ରଣୟନରେ ସରକାରଙ୍କ ମାର୍ଗଦର୍ଶକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିପାରିବେ। ସେହି ସମୟରେ ସେ ସରକାରଙ୍କ ପ୍ରସ୍ତାବିତ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିପାରିବେ। ଏହା ମଧ୍ୟ ଜରୁରୀ କାରଣ ଅନେକ ସମୟରେ ସରକାର ଯୋଜନା ଆରମ୍ଭ କରନ୍ତି, କିନ୍ତୁ ସେଗୁଡ଼ିକ ବିଷୟରେ ସୂଚନା ସାଧାରଣ ଲୋକଙ୍କ ପାଖରେ ପହଁଚି ପାରେ ନାହିଁ ଏବଂ ଅଧିକାଂଶ ଲୋକ ଏହାର ଲାଭ ଉଠାଇବାରୁ ବଞ୍ଚିତ ହୁଅନ୍ତି। ଗଣମାଧ୍ୟମ ସିଧାସଳଖ ଜନସାଧାରଣଙ୍କ ସହିତ ଜଡିତ ହୋଇଥିବାରୁ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମ୍ପ୍ରଦାୟ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟରେ ଗଣମାଧ୍ୟମରୁ ମିଳୁଥିବା ପରାମର୍ଶ ସରକାରଙ୍କୁ ଅଧିକ ପ୍ରଭାବଶାଳୀ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ। ଆଜି ପ୍ରଯୁକ୍ତିବିଦ୍ୟା ଗଣମାଧ୍ୟମର ପରିସରକୁ ଏତେ ବିସ୍ତାର କରିଛି ଯେ ଯେକୌଣସି ସୂଚନା କିମ୍ବା ଖବର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ପାଖରେ ଗଣମାଧ୍ୟମ ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ପହଞ୍ଚିପାରୁଛି। ଏହି ସୁବିଧାକୁ ଏକ ଶକ୍ତିଶାଳୀ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟବହାର କରାଯାଇପାରିବ। ସାମାଜିକ ଗଣମାଧ୍ୟମ ସହିତ ମିଳିତ ଭାବରେ ଗଣମାଧ୍ୟମ ଏହି ଦିଗରେ ବୈପ୍ଳବୀକ ପରିବର୍ତ୍ତନ ଆଣିପାରିବ। ଆମକୁ କେବଳ ନିଶ୍ଚିତ କରିବାକୁ ପଡିବ ଯେ ଏପରି ସୂଚନା କେବଳ ସଠିକ୍ ଏବଂ ନିର୍ଭରଯୋଗ୍ୟ ଯୋଗାଯୋଗ ମାଧ୍ୟମରେ ପ୍ରସାରିତ ହେବ।

ଏଫ୍-୩୫, ଏନ୍ ଏ ସି ଫ୍ଲାଟ, ୟୁନିଟ-୩,
ଖାରବେଳନଗର, ଭୁବନେଶ୍ୱର
ମୋ-୯୮୬୧୦୬୯୫୫୩

# ସାହିତ୍ୟ ସନ୍ନ୍ୟାସୀ - ମନୋଜ ଦାସ

## ଅକ୍ଷୟ କୁମାର ରାଉତ

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ। ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ। ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ। ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ। ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ। ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା। ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର। ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ। ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ। ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ। ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ। ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା। ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ। ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ। ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା। ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ। ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା। ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ। ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ। ସ୍କୁଲରେ ପଢ଼ିବା



ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ। ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ। ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ। ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ। ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ବିଜୟ ଲାଭ କରିଛନ୍ତି ହୃଦୟର ଭଲ ପାଇବା। ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି। ଉପନ୍ୟାଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ। ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ। ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ। ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ। ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ। ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ଆବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତସିଂହପୁର
ମୋ.ନଂ.-୯୯୩୭୬୯୧୪୭୫

# ଆଧୁନିକ ବ୍ୟବସାୟର ନୂତନ ଓ ସୁଲଭ ମାର୍ଗ : ଡିଜିଟାଲ କମର୍ସ

## ଦୁର୍ଗେଶ ନନ୍ଦନ ମହାପାତ୍ର

ବର୍ତ୍ତମାନ ସମୟରେ ବିଶ୍ୱ ଏକ ବଡ଼ ଧରଣର ବୈଷୟିକ ପରିବର୍ତ୍ତନ ଦେଇ ଗତି କରୁଛି। ଆଜିର ସମୟରେ ବ୍ୟବସାୟ ବା ବ୍ୟାପାର କହିଲେ କେବଳ ଚିରାଚରିତ, ପାରମ୍ପରିକ ତଥା ପୁରାତନ ଦୋକାନ ବଜାର, କ୍ରୟ-ବିକ୍ରୟ ପଦ୍ଧତିକୁ ବୁଝାଉନାହିଁ ବା ବ୍ୟାପାର ଆଉ ନିର୍ଦ୍ଧିଷ୍ଟ ଭୌଗଳିକ ସୀମାର ଅନ୍ତର୍ଗତ ହୋଇରହିନାହିଁ ବରଂ ଏହା ଏକ ପରସ୍ପର ସହ ଜଡ଼ିତ ଡିଜିଟାଲ୍ ପରିସଂସ୍ଥାନ (ଡିଜିଟାଲ ଇକୋସିଷ୍ଟମ) ରେ ପରିଣତ ହୋଇଛି। ତେବେ ପ୍ରଯୁକ୍ତିବିଦ୍ୟା ବା ଡିଜିଟାଲ ବ୍ୟବସାୟ ସମ୍ବନ୍ଧୀୟ ଅନେକ ପାଠ୍ୟ ପୁସ୍ତକ ତ ଉପଲବ୍ଧ ଅଛି କିନ୍ତୁ ଏକ ସମୀକ୍ଷକ ଭାବେ ଏହି ପରିପ୍ରେକ୍ଷୀରେ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ ଏବଂ ଯୁବଲେଖକ ସାଗର ପ୍ରଧାନଙ୍କ ନୂତନ ପୁସ୍ତକ 'ପ୍ରିନ୍ସିପଲ୍ସ ଅଫ ଡିଜିଟାଲ କମର୍ସ' ପୁସ୍ତକର ଅନୁଶୀଳନ ଏବଂ ଲେଖକଙ୍କ ସହ ଆଲୋଚ଼ନା କରିବାପରେ ଏହି ପୁସ୍ତକ ନିଶ୍ଚିତଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ବୋଲି ଭାବି ଜଣେ ସମୀକ୍ଷକ ଭାବେ ଏଠାରେ ଉପସ୍ଥାପନ କରୁଛି ।

ଏହି ପୁସ୍ତକଟି ଇ-କମର୍ସ ଏବଂ ଏଣ୍ଟରପ୍ରାଇଜ୍ ରିସୋର୍ସ ପ୍ଲାନିଂ (ଇଆରପି) ର ମିଶ୍ରଣରେ ଆଧୁନିକ ବ୍ୟବସାୟ କିଭଳି ପରିଚ଼ାଳିତ ହେଉଛି, ତାହାକୁ ଅତି ସରଳ ଭାବରେ ବୁଝାଇଛି। ଜଟିଳ ବୈଷୟିକ ଜ୍ଞାନକୌଶଳର ସରଳୀକରଣ ପୁସ୍ତକର ମୁଖବନ୍ଧ ଅନୁଯାୟୀ, ଆମେ ଯେତେବେଳେ ଅନଲାଇନରେ ଏକ ଅର୍ଡର ଦେଉ, ସେତେବେଳେ ପରଦା ପଛରେ ଇନଭେଣ୍ଟ୍ରି ମ୍ୟାନେଜମେଣ୍ଟ, ପେମେଣ୍ଟ ପ୍ରୋସେସିଂ, ଲଜିଷ୍ଟିକ୍ସ ଏବଂ ଆକାଉଣ୍ଟିଂ ଭଳି ଅନେକ ଜଟିଳ ପ୍ରକ୍ରିୟା କାର୍ଯ୍ୟ କରେ। ଜଣେ ସାଧାରଣ ବ୍ୟବହାରକାରୀଙ୍କ ପାଇଁ ଏହା ଅଦୃଶ୍ୟ ହେଲେ ମଧ୍ୟ ଏହା ପଛରେ ଏକ ଶକ୍ତିଶାଳୀ ଇଞ୍ଜିନିୟରିଂ ସଂରଚ଼ନା ରହିଥାଏ। ଲେଖକ ସାଗର ପ୍ରଧାନ ନିଜର ବହୁବର୍ଷର ଅଭିଜ୍ଞତାକୁ ବ୍ୟବହାର କରି ଏହି ଜଟିଳ ପ୍ରକ୍ରିୟାଗୁଡ଼ିକୁ ଶିକ୍ଷାର୍ଥୀ ଏବଂ ପେସାଦାରମାନଙ୍କ ପାଇଁ ଅତି ସହଜରେ ବୁଝାଇଛନ୍ତି।

ପୁସ୍ତକର ବିଷୟବସ୍ତୁ ଓ ଗଠନ- ଏହି ପୁସ୍ତକଟି ଚ଼ାରୋଟି ମୁଖ୍ୟ ମଡ୍ୟୁଲରେ ବିଭକ୍ତ, ଯାହା ପାଠକଙ୍କୁ ମୂଳଦୁଆରୁ ନେଇ ଉନ୍ନତ ଜ୍ଞାନ କୌଶଳ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରେ: ଏଥିରେ ଇ-କମର୍ସର ଇତିହାସ, ଭାରତରେ ଏହାର ଭବିଷ୍ୟତ, ବିଭିନ୍ନ ବ୍ୟବସାୟିକ ମଡେଲ ଏବଂ ଡାଟାୱେୟାର ହାଉସିଂ ସମ୍ପର୍କରେ ବିସ୍ତୃତ ଆଲୋଚ଼ନା କରାଯାଇଛି। ବିଶେଷ କରି ୱେବସାଇଟ୍ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ଏବଂ ଇଣ୍ଟରନେଟ୍ ସିକ୍ୟୁରିଟି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏଣ୍ଟରପ୍ରାଇଜ୍ ସିଷ୍ଟମ୍ ଏବଂ ଇଆରପି : ଇଆରପି କ'ଣ ଏବଂ ବ୍ୟବସାୟ ପାଇଁ ଏହାର ଆବଶ୍ୟକତା କାହିଁକି ରହିଛି, ତାହା ଏଠାରେ ବର୍ଣ୍ଣନା କରାଯାଇଛି। ଆର୍ଥିକ ପରିଚ଼ାଳନା, ସପ୍ଲାଏ ଚେନ୍, ଏବଂ ମାନବ ସମ୍ବଳ ପରିଚ଼ାଳନା (ଏଚ଼ଆରଏମ) କିଭଳି ଏକ ସୂତ୍ରରେ ବନ୍ଧା ହୁଅନ୍ତି, ତାହା ଏହି ଅଧ୍ୟାୟର ମୁଖ୍ୟ ବିଷୟ ।ଇଆରପିର କାର୍ଯ୍ୟକାରିତା ଓ ଭବିଷ୍ୟତ : ଏହି ମଡ୍ୟୁଲରେ ଇଆରପିର କାର୍ଯ୍ୟକାରୀ ଜୀବନଚ଼କ୍ର , ବ୍ୟବସାୟିକ ବା ବିଜିନେସ ଆନାଲିଟିକ୍ସ , ଏବଂ ସ୍ୟାପ (ଝଇଚ) ଭଳି ଆଧୁନିକ ସଫ୍ଟୱେୟାରର ଭୂମିକା ଉପରେ ଆଲୋକପାତ କରାଯାଇଛି। ତେବେ ଅନେକ ପୁସ୍ତକ ମଧ୍ୟରୁ ଏହାର ସ୍ୱତନ୍ତ୍ରତା କଣ ରହିଛି ବୋଲି ପ୍ରଶ୍ନ ଆସିଲେ ଏଠାରେ ଉପସ୍ଥାପନ କରିବାକୁ ଚ଼ାହେଁ ଯେ କେବଳ ବ୍ୟବସାୟିକ ଦିଗ ନୁହେଁ, ବରଂ ଜଣେ ଇଞ୍ଜିନିୟର ଭାବେ ଡିଜିଟାଲ୍ କମର୍ସ ସିଷ୍ଟମକୁ କିଭଳି ଡିଜାଇନ୍ କରାଯିବ, ସେ ନେଇ ଏଥିରେ ବୈଷୟିକ ମାର୍ଗଦର୍ଶନ ଦିଆଯାଇଛି। କେସ୍ ଷ୍ଟଡି ବା ବାସ୍ତବ ଜୀବନର ବିଭିନ୍ନ ଘଟଣା ଏବଂ ଉଦାହରଣ ମାଧ୍ୟମରେ ତତ୍ତ୍ୱାତ୍ମକ ଜ୍ଞାନ ବା ଥିଓରୀ ଗୁଡିକୁ ପ୍ରାୟୋଗିକ ଜ୍ଞାନରେ ପରିଣତ କରାଯାଇଛି। ଏଥିରେ ସାଇବର ସିକ୍ୟୁରିଟିରୁ ଆରମ୍ଭ କରି କ୍ଲାଉଡ୍ କମ୍ପ୍ୟୁଟିଂ ଏବଂ ଡାଟା ମାଇନିଂ ପର୍ଯ୍ୟନ୍ତ ସମସ୍ତ ଆଧୁନିକ ପ୍ରଯୁକ୍ତିକୁ ସ୍ଥାନିତ କରାଯାଇଛି।ଲେଖକ ସାଗର ପ୍ରଧାନ ଜଣେ ପ୍ରଯୁକ୍ତିବିଦ୍ୟା ପେସାଦାର ହେବା ସହ ଜଣେ ପ୍ରତିଷ୍ଠିତ ଶିକ୍ଷାବିତ୍ ମଧ୍ୟ । ତାଙ୍କ ମତରେ, ଜ୍ଞାନ ସେତେବେଳେ ଶକ୍ତିଶାଳୀ ହୁଏ ଯେତେବେଳେ ଏହାକୁ ସ୍ପଷ୍ଟ ଏବଂ ସରଳ ଭାବରେ ସମସ୍ତଙ୍କ ନିକଟରେ ପହଞ୍ଚାଯାଏ। ପୂର୍ବରୁ ସେ 'ଇଣ୍ଟରନେଟ ଅଫ ଥିଙ୍ଗସ' ଏବଂ 'ସ୍ମାର୍ଟ ରିଭଲ୍ୟୁସନ' ଭଳି ବହି ଲେଖି ଯୁବପିଢ଼ିଙ୍କୁ ପ୍ରଭାବିତ କରିଥିବା ବେଳେ, ଏହି ନୂତନ ପୁସ୍ତକଟି ମଧ୍ୟ ଛାତ୍ରଛାତ୍ରୀ, ଉଦ୍‌ଯୋଗୀ ଏବଂ ଶିକ୍ଷକମାନଙ୍କ ପାଇଁ ଏକ ସମ୍ପତ୍ତି ସଦୃଶ ହେବ ବୋଲି ଲେଖକ ଆଶା ପୋଷଣ କରିଛନ୍ତି । ଜଣେ ଯୁବ ସମୀକ୍ଷକ ଭାବେ ଏହା ହେଉଛି ମୋର ପ୍ରଥମ ପୁସ୍ତକ ସମୀକ୍ଷା ଝ ତେବେ ପରିଶେଷରେ ଏଠାରେ ଉଲ୍ଲେଖ କରିବାକୁ ଚ଼ାହେଁ ଯେ 'ପ୍ରିନ୍ସିପଲ୍ସ ଅଫ ଡିଜିଟାଲ କମର୍ସ' କେବଳ ଏକ ପାଠ୍ୟପୁସ୍ତକ ନୁହେଁ, ବରଂ ଡିଜିଟାଲ୍ ଯୁଗର ବ୍ୟବସାୟିକ ରଣନୀତିକୁ ବୁଝିବା ପାଇଁ ଏକ ବ୍ଲୁ-ପ୍ରିଣ୍ଟ୍। ଯଦି ଆପଣ ଡିଜିଟାଲ୍ ଅର୍ଥନୀତିର ଜଟିଳତାକୁ ବୁଝିବାକୁ ଏବଂ ନିଜର ବୈଷୟିକ ଜ୍ଞାନକୁ ବୃଦ୍ଧି କରିବାକୁ ଚ଼ାହୁଁଛନ୍ତି, ତେବେ ଏହି ପୁସ୍ତକଟି ନିଶ୍ଚିତଭାବେ ଆପଣମାନଙ୍କ ପାଇଁ ଉପଯୋଗୀ ହେବ।

ଯୁବ ସାମ୍ବାଦିକ/ଉପସ୍ଥାପକ
ଭୁବନେଶ୍ୱର



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଡାକ୍ତରଙ୍କ ଘରୁ ଲୁଟିନେଲେ ଲୁଟେରା

କପ୍ତିପଦା, (ମହାଭାରତ) : ଡାକ୍ତରଙ୍କ ଘରକୁ ଲୁଟେରା କରିଲେ ଟାର୍ଗେଟ। ଆଉ ଲୁଟିନେଲେ ଘରୁ ୧୫ ଲକ୍ଷରୁ ଉର୍ଦ୍ଧ ଟଙ୍କାର ସୁନା ଅଳଙ୍କାର ସହିତ ନଗଦ ଦେଢ଼ ଲକ୍ଷ ଟଙ୍କା। ଚନ୍ଦନ ଯାତ୍ରା ଦେଖିବାକୁ ଯିବା ପଡିଲା ମହଙ୍ଗା। ଖୁଣ୍ଟା ଥାନା ସାଇଁକୁଲା ଗ୍ରାମରେ ଘଟିଛି ଏଭଳି ଘଟଣା। ବାଲେଶ୍ୱରରେ ଡାକ୍ତର ଥିବା ଅଭିନ୍ନ କୁମାର ସାହୁଙ୍କ ପରିବାର ଲୋକେ ଗତକାଲି ଚନ୍ଦନ ଦେଖିବା ନିମନ୍ତେ ବାଲେଶ୍ୱର ଯାଇଥିଲେ। ଘରେ ପରିବାର ଲୋକଙ୍କ ଅନୁପସ୍ଥିତି ଜାଣି ଲୁଟେରା ମାନେ ବିଳମ୍ବିତ ରାତିରେ ପଶି ଗଡ଼େରଜ ଭାଙ୍ଗି ସେଥିରେ ଥିବା ୧୫ ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ସୁନା ଅଳଙ୍କାର ସହିତ ନଗଦ ଦେଢ଼ ଲକ୍ଷ ରୁ ଉର୍ଦ୍ଧ ଟଙ୍କା ଲୁଟି ନେଇଛନ୍ତି। ଆଜି ମଧ୍ୟାହ୍ନରେ ଜନ ଗଣନା ନିମନ୍ତେ ଅଧିକାରୀ ଆସିଥିବା ବେଳେ ଘର ମୁଖ୍ୟ ଫାଟକ ରେ ତାଲା ଏବଂ ଭିତର କବାଟ ଖୋଲାଥିବା ଦେଖି ପଡୋଶୀ ଙ୍କୁ ପଚାରିଥିଲେ। ଯାହା ପରେ ପଡୋଶୀ ଙ୍କ ର ସନ୍ଦେହ ହେବାରୁ ସେମାନେ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ପରିବାର ଲୋକେ ଆସି ପହଂଚିବା ପରେ ଘରୁ ଲୁଟ ହୋଇଥିବା ଜାଣିପାରି ଏ ନେଇ ପୋଲିସ କୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଘର ଭିତରେ ପଶିଗଲା କାର, ଅଳ୍ପକେ ବର୍ତ୍ତିଗଲେ ୨ ଜଣ

କପ୍ତିପଦା, (ମହାଭାରତ) : ଘର ଭିତରେ ପଶିଗଲା କାର। ଘର ଭିତରେ ଥିବା ୨ ଜଣ ଅଳ୍ପକେ ବର୍ତ୍ତିଗଲେ। ଉଦଳା ଥାନା ଗୁଡୁଗୁଡ଼ିଆ ଗ୍ରାମରେ ଘଟିଛି ଏଭଳି ଘଟଣା। ଉଦଳା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ଜେନା ରାତେ ରୁ ଉଦଳା ଅଭିମୁଖେ ନିଜ କାରରେ ଆସୁଥିଲେ। ଗୁଡୁଗୁଡ଼ିଆ ଛକ ନିକଟରେ ଅଚାନକ ବାଇକ ଆରୋହୀ ଜଗନ୍ନାଥ ପରିଡା ଗାଡି ସାମ୍ନା କୁ ଆସିଯିବାରୁ ଭାରସାମ୍ୟ ହରାଇ ତାଙ୍କୁ ବଞ୍ଚାଇବାକୁ ଯାଇ କାର କୁ ବାମକୁ କାଟିଦେଇଥିଲେ। ଯାହାଫଳରେ କାର ସହିତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାସ୍ତା ତଳକୁ ଖସି ଯାଇଥିଲେ ଏବଂ ସାମ୍ନାରେ ଥିବା ଏକ ଘର ଭିତରେ କାରଟି ପଶି ଯାଇଥିଲା। ଏହି ସମୟରେ ଘର ଭିତରେ ଥିବା ୨ ଜଣ ବ୍ୟକ୍ତି ଘରର ବିପରୀତ ପାର୍ଶ୍ୱରେ ଥିବାରୁ ଏକ ବଡ଼ ଅଘଟଣ ରୁ ବର୍ତ୍ତି ଯାଇଛନ୍ତି। କାରଟି ଘର ଭିତରକୁ ପଶି ଯାଇଥିବା ଖବର ପାଇ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ବାଇକ ଚାଳକ ଗାଡ଼ିରୁ ପଡି ଆହତ ହୋଇ ଉଦଳା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଛନ୍ତି। ତେବେ ଏଭଳି ବଡ଼ ଦୁର୍ଘଟଣାରେ ଘରେ ଥିବା ୨ ଜଣଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେହି ଗୁରୁତର ଆହତ ହୋଇ ନାହାନ୍ତି। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ କାର ଟିକୁ ଘର ଭିତରୁ ବାହାର କରାଯାଇଛି।

## ସାମାନ୍ୟ ବଚସାରୁ ମହାଭାରତ !! ଦୋଷୀ ସାବ୍ୟସ୍ତ ହେଲେ ଅଭିଯୁକ୍ତ

ଗଜପତି, (ମହାଭାରତ) : ପୂର୍ବରୁ ଧାର ନେଇଥିବା ପଇସା ମାଗିବାକୁ ନେଇ ସୃଷ୍ଟି ହୋଇଥିବା ଝଗଡ଼ା ଶେଷରେ ଲହୁଲୁହାଣ କରିବା ଭଳି ପରିସ୍ଥିତିରେ ପରିଣତ ହେବା ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରା ଜଜ (ମହିଳା ଅଦାଲତ) ଶ୍ରୀମତୀ ରଶ୍ମିତା ସାହୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩(ସ୍ୱେଚ୍ଛାକୃତ ଭାବରେ ଆଘାତ କରିବା) ଅପରାଧରେ ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ କଟିକା ଗୌଡ଼ ସାହିର ଚନ୍ଦ୍ରମା ଆପଟ(୪୦ବର୍ଷ), ଗଣେଶ ଓରଫ ଭାଲୁ ଆପଟ (୪୮ବର୍ଷ) ଓ ପ୍ରଶାନ୍ତ ବରଡ଼ (୨୬ବର୍ଷ)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଉକ୍ତ ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ସୌମ୍ୟ ସୌରଭ ପଟ୍ଟନାୟକ ସଫଳ ପରିଚାଳନା କରିଥିବା ବେଳେ ଏପିପି କାଶୀନାଥ ଦାସ ତାଙ୍କୁ ଏହି ମାମଲାରେ ଯଥାର୍ଥ ସହଯୋଗ କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ କଟିକା ଗୌଡ଼ ସାହିର ଏତଲାକାରିଣୀ ସରିତା ବିଶ୍ୱାଳ ତା ୨୧-୦୬-୨୦୨୪ରିଖ ଦିନ ସନ୍ଧ୍ୟା ସମୟରେ ଚନ୍ଦ୍ରମା ଆପଟ ଓ ତାଙ୍କ ସ୍ୱାମୀ ଭାଲୁ ଆପଟଙ୍କୁ ପୂର୍ବରୁ ଧାର ନେଇଥିବା ଦୁଇ ହଜାର ଟଙ୍କା ମାଗିବାରୁ ସେମାନେ ପଇସା ଦେବେ ନାହିଁ ବୋଲି କହି ଝଗଡ଼ା ଆରମ୍ଭ କରି ଏତଲାକାରିଣୀଙ୍କ ଚୁଟି ଭିଡି ମୁହଁକୁ ମାରିଥିଲେ। ଏହାକୁ ଏତଲାକାରିଣୀଙ୍କ ପୁଅ ବିରୋଧ କରିବାରୁ ଅନ୍ୟ ଅଭିଯୁକ୍ତ ତଥା ଚନ୍ଦ୍ରମାଙ୍କ ଭଣଜା ପ୍ରଶାନ୍ତ ତାଙ୍କ ପୁଅକୁ ମାରି ପକେଇଥିଲେ। ଇତି ମଧ୍ୟରେ ଏହି ମାଡ଼ରୁ ତାଙ୍କ ମାଆ ମଧ୍ୟ ବର୍ତ୍ତି ନଥିଲେ ଓ ଠେଲାପେଲାରୁ ତଳେ ପଡି ତାଙ୍କର ମୁଣ୍ଡରେ ମଧ୍ୟ ତିନୋଟି ସିଲାଇ ପଡିଥିଲା। ଶେଷରେ ଆସମୀମାନେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେବାକୁ ପଛାଇ ନଥିଲେ। ଶେଷରେ ବାଧ୍ୟ ହୋଇ ଏହି ଘଟଣାକୁ ନେଇ ଏତଲାକାରିଣୀ ସେହିଦିନ ହିଁ ପାରଳାଖେମୁଣ୍ଡି ଥାନାରେ ମାମଲା ନମ୍ବର ୨୦୫/୨୦୨୪ରେ ଏକ ମାମଲା ରୁଜୁ କରିଥିଲେ ଏବଂ ଏସ.ଆଇ. କୌତୁକ ସେଠୀ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ଶେଷରେ ୪ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ଦସ୍ତାବିଜକୁ ଭିତ୍ତି କରି ମାନ୍ୟବର ନ୍ୟାୟାଧୀଶ ଉକ୍ତ ଘଟଣାରେ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୨୩ରେ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୩ ଅନୁଯାୟୀ ଭର୍ତ୍ସନା କରି ଏ ଭଳି କାର୍ଯ୍ୟରୁ ଭବିଷ୍ୟତରେ ନିବୃତ୍ତ ରହିବା ପାଇଁ କଡ଼ା ଚେତାବନୀ ଦେଇଛନ୍ତି ।

## ବଜ୍ରପାତରେ ଚାଲିଗଲା ଚାଷୀ ନାରାୟଣଙ୍କ ଜୀବନ

ଗଣିଆ/ଖଣ୍ଡପଡା, (ମହାଭାରତ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ରୟତି ଢୋଲମରା ଗ୍ରାମପଞ୍ଚାୟତ ଅଧୀନ ମଇଁଶିବିନ୍ଧା ଗ୍ରାମର ଭଗବାନ ନାୟକଙ୍କ ପୁତ୍ର ନାରାୟଣ ନାୟକ (୪୯ବର୍ଷ) ନାମକ ଜଣେ ଗରିବ ଚାଷୀଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣା ଯାଇଛି। ପରିବାରଙ୍କ ସୂଚନା ଅନୁଯାୟୀ ନାରାୟଣ ଗୁରୁବାର ଭୋର ସାଢେ ପାଞ୍ଚଟା ସମୟରେ ଏକ ଝୁଡ଼ିରେ ଖତ ନେଇ ନିଜ ବିଲରେ ପକାଇବାକୁ ଯାଇଥିଲେ। ବିଲରୁ ଫେରିବା ସମୟରେ ଅଦିନିଆ କାଳ ବୈଶାଖୀର ହଠାତ୍ ବିଜୁଳି ଘଡଘଡି ମାରିବା ଦ୍ୱାରା ଉକ୍ତ ବଜ୍ରପାତରେ ଘଟଣା ସ୍ଥଳରେ ନାରାୟଣ ଭୂମିରେ ଟଳି ପଡ଼ିଥିଲେ। ସେଇ ବାଟ ଦେଇ ଗ୍ରାମର କିଛି ପିଲା ଆମ୍ବ ତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଉଥିବା ବେଳେ ତାଙ୍କୁ ତଳେ ପଡିଥିବା ଦେଖି ସଙ୍ଗେ ସଙ୍ଗେ ଫେରି ଆସି ଗ୍ରାମରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହା ଶୁଣି ପରିବାର ଲୋକ ଗ୍ରାମବାସୀଙ୍କ ସହାୟତାରେ ଘଟଣା ସ୍ଥଳକୁ ଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ନାରାୟଣଙ୍କୁ ମୃତ ଘୋଷଣା କରି ଶବ ବ୍ୟବଛେଦ ପାଇଁ ଖଣ୍ଡପଡ଼ା ପଠାଇଥିବା ପରିବାରଙ୍କ ପକ୍ଷରୁ ସୂଚନା ମିଳିଛି। ଯାହାଦ୍ୱାରା ଗ୍ରାମ ତଥା ଆଖ ପାଖ ଅଂଚଳରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହେବା ସହିତ ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ପରିବାର ଲୋକ ଅତି ଦୁଃଖରେ ମ୍ରିୟମାଣ ହୋଇ ଭାଙ୍ଗି ପଡିଥିବା ଜଣା ଯାଇଛି।ଯେହେତୁ ନାରାୟଣ ଜଣେ ଗରିବ କୃଷକ ଓ ଖଟିଖିଆ ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାରଙ୍କ ତରଫରୁ ଆବଶ୍ୟକୀୟ ଆର୍ଥିକ ସହାୟତା ଯୋଗାଇ ଦିଆଯିବାକୁ ପରିବାର ତଥା ଗ୍ରାମବାସୀଙ୍କ ତରଫରୁ ତହସିଲ,ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଦାବି କରିବା ସହିତ ସ୍ଥାନୀୟ ବିଧାୟକ ମାନ୍ୟବର ଦୁଷ୍ମନ୍ତ କୁମାର ସ୍ୱାଇଁ ମହୋଦୟ ମୃତକଙ୍କ ପରିବାରକୁ ସାହାଯ୍ୟର ହାତ ବଢ଼ାଇବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଗାୟତ୍ରୀ ପଥର କ୍ରସରରୁ ଉଡୁଛି ମୃତ୍ୟୁର ଧୂଳି, ନିୟମକୁ ତଳେ ଚାପି ଚାଲିଛି ବ୍ୟବସାୟ

ଲକ୍ଷ୍ମୀପୁର, (ମହାଭାରତ) : କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତୁନୁପାର ଜିପି ଅଞ୍ଚଳରେ ଚାଲୁଥିବା ପଥର କ୍ରସର ଗୁଡ଼ିକ ଏବେ ସ୍ଥାନୀୟମାନଙ୍କ ପାଇଁ "ସ୍ଲୋ ପଏଜନ" ଭାବେ ପରିଣତ ହୋଇଛି। ଦିନରାତି ଚାଲୁଥିବା କ୍ରସର ମେସିନରୁ ଉଡୁଥିବା ଧୂଳିକଣା ଆକାଶକୁ ଆଚ୍ଛାଦିତ କରି ସମ୍ପୂର୍ଣ୍ଣ ଅଞ୍ଚଳକୁ ଧୂଳିର ଚାଦର ତଳେ ଆଣିଦେଇଛି। ଘର,ଗଛ, ପାଣି, ସବୁଠି ଧୂଳିର ପତଳା ସ୍ତର। ଶ୍ୱାସ ନେବା ମୁସ୍କିଲ୍, ବାହାରେ ଚାଲିବା ଅସମ୍ଭବ। ଯାତାୟତ କରୁଥିବା କିଛି ଲୋକଙ୍କ କହିବା ଅନୁଯାୟୀ, "ଆମେ ଦିନକୁ ଦିନ ବିଷ ଶ୍ୱାସ ନେଉଛୁ।" ଶ୍ୱାସକଷ୍ଟ, ଖାସି, ଆଖି ଜ୍ୱଳନ ଓ ଚର୍ମ ରୋଗ ଏବେ ସାଧାରଣ ଘଟଣା ହୋଇପଡ଼ିଛି। "କ୍ରସର ଚାଲୁ ରଖନ୍ତୁ କିନ୍ତୁ ନିୟମ ପାଳନ କରନ୍ତୁ ନିୟମ ପାଳନ କଲେ ଡଷ୍ଟ ଧୂଳି ଉଡି ନ ଥାନ୍ତା ନିୟମ ପାଳନ ନ ହେବା ହେତୁରୁ ଏତେ ଧୂଳି ହେଉଛି ଯେ ବଞ୍ଚିବା ମୁସ୍କିଲ ହେଇଯାଉଛି , ଆସନ୍ତା ଦିନରେ ଯଦି ଏମିତି ହିଁ ଚାଲେ ତାହାହେଲେ ଆମେ ରାସ୍ତାକୁ ଉତରିବୁ। ଜୀବନ ବଞ୍ଚିବା ପ୍ରଥମ,ଆମେ ଗରିବ ଲୋକଙ୍କ ଜୀବନ ର ମୂଲ୍ୟ ନାହିଁକି ଆମ ଜୀବନ ବଞ୍ଚିବା ଆଗେ,ବ୍ୟବସାୟ ପରେ।"




କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ତୁନୁପାର ଜିପି ରେ ଅବସ୍ଥିତ ଗାୟତ୍ରୀ ଷ୍ଟୋନ କ୍ରସର ର ଏଭଳି ଅଭିଯୋଗ ହେଉଛି, ପଲୁ୍ୟସନ କଣ୍ଟ୍ରୋଲ୍ ନିୟମକୁ ପୂରାପୂରି ଅଣଦେଖା କରାଯାଉଛି। ନା ଜଳ ଛିଟାଯାଉଛି, ନା ଧୂଳି ରୋକିବା ପାଇଁ କୌଣସି ବ୍ୟବସ୍ଥା କରାଯାଉଛି ନିଜ ପକେଟ ଗରମ କରିବାକୁ ଲୋକଙ୍କ ଜୀବନ ସହ ଖେଳ ଚାଲିଛି । କାଗଜରେ ନିୟମ, କିନ୍ତୁ ମାଟିରେ ପୂରା ଅନିୟମ,ଏହି ଅଭିଯୋଗ ସ୍ପଷ୍ଟ ଭାବେ ଉଠୁଛି କିନ୍ତୁ ତାହା ଠାରୁ ସବୁଠାରୁ ଚମତ୍କାର କଥା, ଏତେ ଗୁରୁତର ସମସ୍ୟା ସତ୍ତ୍ୱେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ନିରବ ରହିଛନ୍ତି। ପ୍ରଶ୍ନ ଉଠୁଛି । କିଏ ଦେଉଛି ଏହି ଅନିୟମକୁ ରକ୍ଷା ?। ଋକାହିଁକି ହେଉନି ଯାଞ୍ଚ ? କେତେଦିନ ଧରି ଲୋକମାନେ ଏଭଳି ବିଷ ଶ୍ୱାସ ନେବେ ? ଯଦି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହୁଏ, ଏହି ଧୂଳି ଆଗାମୀ ଦିନରେ ବଡ଼ ଜନ ଆନ୍ଦୋଳନର ଆକାର ନେଇପାରେ ।

## ଗୋ ସମ୍ମାନ ଆହ୍ୱାନ ଅଭିଯାନ

ରାୟଗଡା, (ମହାଭାରତ) : ରାୟଗଡା ଜିଲ୍ଲାର ଗୁଣୁପୁର, ପଦ୍ମପୁର, ଚନ୍ଦ୍ରପୁର, ଗୁଡ଼ାରୀ, ମୁନିଗୁଡା, ରାମନାଗୁଡ଼ା, କଲ୍ୟାସିଂହପୁର ବ୍ଲକ ରେ ଗୋ ସଂମ୍ମାନ ଆହ୍ୱାନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଗୋ ସଂମ୍ମାନ ଅଭିଯାନର ମୁଖ୍ୟ ଉଦ୍ଧେଶ୍ୟ ହେଲା ଗୋମାତାଙ୍କୁ ରାଷ୍ଟ୍ରମାତା ଭାବେ ସାମ୍ବିଧାନିକ ମାନ୍ୟତା ପ୍ରାପ୍ତ ହେଉ, ଭାରତୀୟ ଗୋ ବଂଶର ବିକାଶ ଏବଂ ଗୋଚର ଜମିର ସଂରକ୍ଷଣ, ଗୋ ଶାଳାର ନିର୍ମାଣ, ଏବଂ ଗୋ ଆଧାରିତ ଅର୍ଥ ବ୍ୟବସ୍ଥାର ଗୁରୁତ୍ୱ ଦିଆଯାଇଥିଲା, ଏହି କାର୍ଯ୍ୟକ୍ରମ ରେ ସାଧୁସନ୍ଥ, ଗୋ ପ୍ରେମୀ, ରାଷ୍ଟ୍ରପ୍ରେମୀ ଓ ଜନସାଧାରଣ କୀର୍ତ୍ତନ ମାଧ୍ୟମରେ ଶୋଭାଯାତ୍ରା ବାହାରି, ତହସିଲ କାର୍ଯ୍ୟାଳୟ ପହଞ୍ଚି ତହସିଲଦାରଙ୍କ ମାଧ୍ୟମରେ ମହାମୟୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରାର୍ଥନା ପତ୍ର ପ୍ରଦାନ କରାଯାଇଥିଲା।

## ଆଇସିଏସଇ ପରୀକ୍ଷାରେ ପାରାଦୀପ ବେଥାନୀ ସ୍କୁଲର ସଫଳତା : ରୁଦ୍ରାଦିତ୍ୟ ଟପ୍ପର

ପାରାଦୀପ, (ମହାଭାରତ) : ଚଳିତ ବର୍ଷ ଆଇସିଏସଇ ୧୦ମ ପରୀକ୍ଷାରେ ପାରାଦୀପ ବେଥାନୀ କନଭେଣ୍ଟ ସ୍କୁଲର ଛାତ୍ର ରୁଦ୍ରାଦିତ୍ୟ ପରିଜା ସର୍ବମୋଟ ୫୦୦ ନମ୍ବର ରୁ ୪୭୮ ନମ୍ବର



ହାସଲ କରି ୯୫. ୬ ପ୍ରତିଶତ ନମ୍ବର ରଖି ସ୍କୁଲର ଟପ୍ପର ହୋଇଛନ୍ତି । ପିତା ତନ୍ମୟ ରଞ୍ଜନ ପରିଜା ଓ ମା ଆଇନଜୀବୀ ନନ୍ଦିନୀ ମହାନ୍ତି ଙ୍କ ପୁତ୍ର ରୁଦ୍ରାଦିତ୍ୟ ଏହି ସଫଳତା ହାସଲ କରି ସ୍କୁଲ ପାଇଁ ଗୌରବ ଆଣିଛନ୍ତି । ସୂଚନାଥାଉକି ରୁଦ୍ରାଦିତ୍ୟ ହେଉଛନ୍ତି ପାରାଦୀପର ବିଶିଷ୍ଟ ବରିଷ୍ଠ ବ୍ୟବସାୟୀ ତଥା ପୂର୍ବତନ ପୌରାଧ୍ୟକ୍ଷ କିଶୋର କୁମାର ପରିଡା ଙ୍କ ନାତି । ତେବେ ଏହି ପରୀକ୍ଷାରେ ସ୍କୁଲର ଉର୍ମିକା ମହାପାତ୍ର, ଶୁଭ୍ରଦୀପ ପାତ୍ର, ଔରୋ ଶାଶ୍ୱତ, ବିଶ୍ୱଜିତ ନାୟକ, ପୁନମ ମୁଦୁଲି, ଶୁଭଲକ୍ଷ୍ମୀ ରଥ, ପ୍ରକୃତି ଦାଶ, ପ୍ରତୀକ୍ଷା ଦାଶ, ଆୟୁଷ ଜେନା ଓ ସାରା ସାଗରୀକା ନନ୍ଦୀ ୯୦ ପ୍ରତିଶତ ରୁ ଉର୍ଦ୍ଧ ନମ୍ବର ରଖି କୃତକାର୍ଯ୍ୟ ହେବା ସହ ସ୍କୁଲ ପାଇଁ ଗୌରବ ଆଣିଦେଇଛନ୍ତି ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରଙ୍ଗ ( ମହାଭାରତ): ବାରଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ବ୍ରାହ୍ମଣ ଝରିଲୋ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍ତମ କୁମାର ସାହୁ ସରକାରୀ ସେବାରୁ ଗତ କାଲି ୩୦ ଏପ୍ରିଲ ୨୦୨୬ରେ ଅବସର ଗ୍ରହଣ କରିଛନ୍ତି।ତାଙ୍କ ଦୀର୍ଘ ୩୫ ବର୍ଷର ଶିକ୍ଷାଜୀବନ ଶିକ୍ଷାକ୍ଷେତ୍ରରେ ଏକ ଉଦାହରଣ ହିସାବରେ ପରିଚିତ ହୋଇ ରହିଛି।ପ୍ରଧାନ ଶିକ୍ଷକ ଉତ୍ତମ କୁମାର ସାହୁ ୦୧-୦୮-୧୯୯୧ ମସିହାରେ ସହକାରୀ ଶିକ୍ଷକ ଭାବେ ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଜ ଶିକ୍ଷକତା ଜୀବନର ଆରମ୍ଭ କରିଥିଲେ। ସେଠାରେ ୩୦-୦୪-୧୯୯୭ ପର୍ଯ୍ୟନ୍ତ ସେବା ଦେଇବା ପରେ, ୩୦-୦୪-୧୯୯୭ ରୁ ୧୪-୧୧-୨୦୦୦ ପର୍ଯ୍ୟନ୍ତ ସାଲେପୁର ଅଞ୍ଚଳରରେ ଥିବା ନନ୍ଦିନୀ ବିଦ୍ୟା ନିକେତନରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ ୧୫-୧୧-୨୦୦୦ ରୁ ୧୭-୦୬-୨୦୧୧ ପର୍ଯ୍ୟନ୍ତ ପୁନଃ ଲକ୍ଷେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ତାଙ୍କର ଶିକ୍ଷାର ସେବା ଯୋଗାଇ ଦେଇଥିଲେ। ୧୭-୦୬-୨୦୧୧ ରୁ ବ୍ରାହ୍ମଣ ଝରିଲୋ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇ ପରେ ୩୧-୦୭-୨୦୨୪ ରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନିଭାଇ ଆସୁଥିଲେ। ଶେଷରେ ୩୦-୦୪-୨୦୨୬ ରେ ସେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ଅବସର ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ବିଦାୟକାଳୀନ ସମାରୋହ ଆୟୋଜିତ ହୋଇଥିଲା। ସହକର୍ମୀ, ପୂର୍ବତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ତାଙ୍କ ନିଷ୍ଠା, ସରଳତା ଓ ଶିକ୍ଷା ପ୍ରତି ଅପାର ଅବଦାନକୁ ସ୍ମରଣ କରି ସମ୍ମାନ ଜଣାଇଥିଲେ। ତାଙ୍କ ଅବସରରେ ଶିକ୍ଷାକ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି।

## ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବିଜୟୀ ପାରାଦୀପ ଟିମକୁ ସ୍ୱାଗତ ସମ୍ବର୍ଦ୍ଧନା

ପାରାଦୀପ, (ମହାଭାରତ) : ଚଳିତବର୍ଷ ୧୪ ବର୍ଷରୁ କମ୍ ମୁଖ୍ୟ ମନ୍ତ୍ରୀ କପ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଜଗତସିଂହପୁର ଠାରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ



ପାରାଦୀପ ଟିମ୍ ବିଜୟ ଲାଭ କରି ଗୁରୁବାର ଦିନ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ୍ କୁ ଫେରିଥିଲେ । ସେଠାରେ ତାଙ୍କୁ ପାରାଦୀପ ସ୍ପୋର୍ଟ୍ସ କାଉନସିଲ ର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ପୂର୍ବତନ ସମ୍ପାଦକ ଧ୍ରୁବ ଚନ୍ଦ୍ର ତରାଇ ଓ ସ୍ପୋର୍ଟ୍ସ କାଉନସିଲର ଅନ୍ୟାନ୍ୟ ସଦସ୍ୟ ବିପ୍ଳବ କୁମାର ଜେନା, ରଞ୍ଜିତ ବୋମାଲି ଏବଂ ଅଭିଭାବକ ମାନେ ତାଙ୍କର ପ୍ରଶିକ୍ଷକ ସଂଜୀତି ଜେନା (ଜିତୁ) ଓ ଖେଳାଳୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ପାରାଦୀପ କ୍ରିକେଟ କ୍ଲବ ତରଫରୁ ରାଜ୍ୟସ୍ତରୀୟ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ

ପାରାଦୀପ, (ମହାଭାରତ) : ପାରାଦୀପ ଅଞ୍ଚଳର ପ୍ରମୁଖ କ୍ରୀଡ଼ା ଅନୁଷ୍ଠାନ ପାରାଦୀପ କ୍ରିକେଟ କ୍ଲବ ତରଫରୁ ରାଜ୍ୟସ୍ତରୀୟ ଆମନ୍ତ୍ରଣ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ପାରାଦୀପ ଗୋପବନ୍ଧୁ ଷ୍ଟାଡିଅମରେ ଅନୁଷ୍ଠିତ ହେବାକୁ ଯାଉଛି । ଏ ନେଇ ପାରାଦୀପ କ୍ରିକେଟ କ୍ଲବ ତରଫରୁ ଗୋପବନ୍ଧୁ କ୍ରିକେଟ




ଷ୍ଟାଡିୟମ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ପାରାଦୀପ କ୍ରିକେଟ କ୍ଲବ ତରଫରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି । ଆସନ୍ତାକାଲି ତା ୩୦ ରିଖ ଠାରୁ ୩ ତାରିଖ ଚାରିଦିନ ଧରି ଦୈନନ୍ଦିନ ୩ ଘଟିକା ଠାରୁ ମ୍ୟାଚ ଆରମ୍ଭ ହେବ, ଦୁଇଟି ସେସନ ରେ ଦୁଇଟି ମ୍ୟାଚ ଖେଳାଯିବା ନେଇ ଆୟୋଜକ କମିଟି ତରଫରୁ ସୂଚନା ମିଳିଛି। ଏହି ଟୁର୍ନାମେଣ୍ଟ ରେ ଭାମଣ୍ଡା କେନ୍ଦ୍ରାପଡ଼ା, ୟୁନିକ ଇଲେଭେନ ଭଦ୍ରକ, ୟୁନିୟନ ସ୍ପୋର୍ଟିଂ କଟକ, ରାଇଜିଙ୍ଗ ସ୍ଟୁଡେଣ୍ଟ କଟକ,ତମାଣ୍ଡୋ ଭୁବନେଶ୍ୱର, ୟୁ ଆଣ୍ଡ ମି ବାଲେଶ୍ୱର, ଜୁଭେନାଇଲ କଟକ ସହିତ ଆୟୋଜକ କ୍ରିକେଟ କ୍ଲବ ପିସିସି ପାରାଦୀପ ଭଗନେଉଥିବା ନେଇ ଆୟୋଜକ ଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ପ୍ରଦାନ କରାଯାଇଛି । ଆସନ୍ତାକାଲି ଗୁରୁବାର ୩ ଘଟିକା ସମୟରେ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମ ରେ ୨୬ ତମ ସଂସ୍କରଣ ଦିବାରାତ୍ର ଡିୟୁଜବଲ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନ ହେବ । ପାରାଦୀପ ଓ ନିକଟବର୍ତ୍ତୀ ଅଞ୍ଚଳ ର କ୍ରୀଡ଼ାବିତ ଓ ଦର୍ଶକ ମାନେ ଯୋଗଦେବା ସହିତ ଏହି ଦିବାରାତ୍ର ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ର ମଜା ନେବାକୁ ନିବେଦନ କରିଛନ୍ତି ଆୟୋଜକ କମିଟି ।

## ଠିକାଦାରମାନଙ୍କ ଏକମତ ସଂକଳ୍ପ: ଏଣିକି କେବଳ ସ୍କେଜୁଲ୍ ରେଟ୍‌ରେ ଟେଣ୍ଡର

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲାର ଠିକାଦାରମାନେ ଏକତ୍ରିତ ହୋଇ ଟେଣ୍ଡର ପ୍ରକ୍ରିୟାର ସୁସ୍ଥ ବ୍ୟବସ୍ଥାପନା ଓ କାମର ଗୁଣମାନ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ସଂକଳ୍ପ ଗ୍ରହଣ କରିଛନ୍ତି। ଏମଭି-୭୯ ତାରକେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ଶତାଧିକ ଠିକାଦାର ଉପସ୍ଥିତ ଥିଲେ। ବୈଠକରେ ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି ଯେ, ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଟେଣ୍ଡର କାର୍ଯ୍ୟରେ କେବଳ ସ୍କେଜୁଲ୍ ରେଟ୍ ଅନୁଯାୟୀ ଅଂଶଗ୍ରହଣ କରାଯିବ। କୌଣସି ଠିକାଦାର କମ ରାଶି (ଲେସ୍



ଆମାଉଣ୍ଟ) ରେ କାମ ନେବେ ନାହିଁ ବୋଲି ସମସ୍ତେ ଏକମତ ହୋଇଛନ୍ତି। ଏହାସହିତ ଜିଲ୍ଲା ଭିତ୍ତିକ ଟେଣ୍ଡର ପ୍ରକ୍ରିୟାରେ ବାହାର ଜିଲ୍ଲାର ଠିକାଦାରଙ୍କ ଅଂଶଗ୍ରହଣକୁ ବିରତ ରଖିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ସଂକଳ୍ପକୁ ଅମାନ୍ୟ କରୁଥିବା ଠିକାଦାରଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ସଚେତନ କରାଯାଇଛି। ଠିକାଦାରମାନଙ୍କ ମତାନୁସାରେ, ଦୀର୍ଘଦିନ ଧରି କମ ରାଶିରେ କାମ ନେବା ପ୍ରବୃତ୍ତି ଫଳରେ କାମର ଗୁଣମାନ ଅବନତି ହେଉଥିଲା ଓ ଠିକାଦାରମାନେ ଆର୍ଥିକ ଚାପରେ ପଡୁଥିଲେ। ଏହି ପରିସ୍ଥିତିର ସମାଧାନ ଓ ଜିଲ୍ଲାର ସମଗ୍ର ଉନ୍ନତିକୁ ଦୃଷ୍ଟିରେ ରଖି ସ୍କେଜୁଲ୍ ରେଟ୍‌ରେ କାମ କରିବା ପାଇଁ ସମୂହୀୟ ସଂକଳ୍ପ ଗ୍ରହଣ କରାଯାଇଛି। ବୈଠକ ଶେଷରେ ସମସ୍ତ ଠିକାଦାର ଏହି ସଂକଳ୍ପ ପାଳନ କରିବାକୁ ଶପଥ ପାଠ କରିଥିଲେ। ପରେ ଏହାକୁ ଏକ ସମ୍ମିଳନୀମୂଳକ "ବନ୍ଧୁ ମିଳନ" କାର୍ଯ୍ୟକ୍ରମ ଭାବେ ପାଳନ କରାଯାଇଥିଲା। ଏହି ବୈଠକରେ ପ୍ରାୟ ଶତାଧିକ ଠିକାଦାର ସାମିଲ ହୋଇ ଜିଲ୍ଲାର ଉନ୍ନତି ପାଇଁ ଏକତାର ସନ୍ଦେଶ ଦେଇଛନ୍ତି।

## ଅବସର ନେଲେ ପ୍ରତିବେଢ଼ା ସ୍କୁଲର ପ୍ରଧାନଶିକ୍ଷକ

ଲାଞ୍ଜିଗଡ଼, (ମହାଭାରତ ) : ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି କ୍ଲଷ୍ଟର ସ୍ଥିତ ପ୍ରତିବେଢ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ୍ୱର ନାୟକ ଦୀର୍ଘ ୩୭ ବର୍ଷ କାର୍ଯ୍ୟକାଳ ପରେ ଆଜି ନିଜ ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ନାୟକ ଆଜି ଅବସର ନେବା ଦିନ ହିଁ ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଅବସରକାଳୀନ ସମସ୍ତ କାଗଜାତ ଓ ଫାଇନାଲ ପେନସନ ସମ୍ପର୍କିତ ଦସ୍ତାବେଜ ହସ୍ତାନ୍ତର କରାଯାଇଥିଲା। ପୂର୍ବାହ୍ନରେ ଡଙ୍ଗାଯୋର ସପ୍ତାହିକ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ନିରାଡମ୍ବର କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜଳ ଦେବ ମୁଣ୍ଡ ପ୍ରମୁଖ ଉପସ୍ଥିତ ରହି କାଗଜାତ ହସ୍ତାନ୍ତର କରିଥିଲେ।

## ଜମିରେ ଗୋରୁ ଗାଈ ପୁରାଇ ୫୦ ହଜାର ଟଙ୍କାର ଫସଲକୁ ନଷ୍ଟ

ଅନୁଗୋଳ, (ମହାଭାରତ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ଅନ୍ତର୍ଗତ ବିରୁ ଗ୍ରାମର ତ୍ରିଲୋଚନ ସାହୁ ତାର ଗାଈ ଘଉଡ଼ାଇ ନେଇ ଯାଉଥିବା ବେଳେ ବିଲ ହୁଡ଼ାରେ ନିଜେ ତ୍ରିଲୋଚନ ସାହୁ ଖସି ପଡ଼ିବାରୁ ତାଙ୍କ ଦାନ୍ତ ମୂଳ ଖଣ୍ଡିଆ ହୋଇଯାଇଛି ! ଏ ନେଇ ସମଲ ଥାନାରେ ଏତଲା ଦେଇଥିଲେ ତ୍ରିଲୋଚନ ସାହୁ ! ଅପର ପକ୍ଷରେ ଗୁଣନିଧି ପୃଷ୍ଟି ଙ୍କର ବାଦାମ, ମକା, କଖାରୁ, କାକୁଡ଼ି, ଭେଣ୍ଡି, ଫସଲରେ ତ୍ରିଲୋଚନ ସାହୁ ଗାଈ ନଷ୍ଟ କରିବାରୁ ଗୁଣନିଧି ପୃଷ୍ଟି ସମଲ ଥାନାରେ ମଧ୍ୟ ଏତଲା ଦେଇଥିଲେ ! ଏତଲା ଆଧାରରେ ସମଲ ଥାନାର ସବ୍ ଇନ୍ସପେକ୍ଟର ବିଚିତ୍ରାନନ୍ଦ ସାହୁ ତଦନ୍ତ କରିଥିଲେ ! ତଦନ୍ତ କରି



ଜାଣିବାକୁ ପାଇଥିଲେ ଯେ ତ୍ରିଲୋଚନ ସାହୁଙ୍କର ଗାଈ ପଶି ୫୦ ହଜାର ଟଙ୍କାର ଫସଲକୁ ନଷ୍ଟ କରିଥିବା ତଦନ୍ତରୁ ଜଣାପଡ଼ିଛି ! ଏ ନେଇ ତ୍ରିଲୋଚନ ସାହୁଙ୍କୁ ଜଣାଇବାରୁ ତ୍ରିଲୋଚନ ସାହୁ ଗାଲୁଆମି କରିବା ସହ ଓ ସମଲ ଥାନା ରେ ମାମଲା ଚାଲୁଥିବା ବେଳେ ମଧ୍ୟ ତ୍ରିଲୋଚନ ସାହୁ ତାଙ୍କ ଗାଈ କୁ ଜୋର୍ ଜବରଦସ୍ତି ଗୁଣନିଧି ପୃଷ୍ଟିଙ୍କ ଫସଲ ଜମିରେ ଗୋରୁ ପୁରାଇ ୫୦ ହଜାର ଟଙ୍କା ଫସଲ୍ କୁ ନଷ୍ଟ କରି ଦେଇଛି ତ୍ରିଲୋଚନ ସାହୁ ! ତ୍ରିଲୋଚନ ସାହୁ ସମଲ ଥାନାରେ ମିଛ ଏତଲା ଦେଇ ଗୁଣନିଧି ପୃଷ୍ଟିଙ୍କୁ ବଦନାମ୍ କରିବା ମାନସିକ ଭାବେ ହାରାସ୍ କରୁଥିବା ଜଣା ପଡ଼ିଛି ! ଏବଂଗୁଣନିଧି ପୃଷ୍ଟିଙ୍କର ୫୦ ହଜାର ଟଙ୍କାର ଫସଲକୁ ନଷ୍ଟ କରି ଅଭିଯୁକ୍ତ ତ୍ରିଲୋଚନ ସାହୁ ଖସି ଯିବାକୁ ଏ ମିଛ ଏତଲା ଦେଇଥିବା ଜଣା ପଡ଼ିଛି ଏବଂ ଗୁଣନିଧି ପାରିବା କ୍ଷେତରେ ନଥିବାର ସୁଯୋଗ ନେଇ ନିଇତି ଖରାବେଳିଆ ତାର ଗାଈଦୁଇଟା ଛାଡି ଗୁଣନିଧି ପୃଷ୍ଟି କୁ ଜଗିରହି ଫସଲ ନଷ୍ଟ କରୁଛି ତ୍ରିଲୋଚନ ସାହୁ !



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଏଚ.ଏନ୍.ଏସ ମହାବିଦ୍ୟାଳୟ ୨୦୦୫ବ୍ୟାଚର ବନ୍ଧୁମିଳନ



ଭୁବନେଶ୍ୱର,(ମହାଭାରତ): ଏଚ.ଏନ୍.ଏସ ମହାବିଦ୍ୟାଳୟ, ଚନ୍ଦୋଳର ୨୦୦୫ ମସିହା (କଳା) ବିଭାଗର ବନ୍ଧୁମିଳନ ରବିବାର ଦିନ ଅନୁଆପଡାସ୍ଥିତ ମାତୃବାଟିକାଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ଅବନି ରଞ୍ଜନ ନାୟକ, ରମାକାନ୍ତ ଦାସ ବର୍ତମାନର ସଂସ୍କୃତ ବିଭାଗ ଅଧ୍ୟାପିକା ଶ୍ରୀମତି ଦାସ, ଇଂରାଜୀ ବିଭାଗର ପ୍ରଭାକର ଦାସ ଓ ଶିକ୍ଷା ବିଭାଗର ସୁକନ୍ୟା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ସେମାନେ ସମସ୍ତେ ଗୁରୁ ଓ ଛାତ୍ରଛାତ୍ରୀ ସମ୍ପର୍କ ତଥା ବନ୍ଧୁତ୍ୱକୁ ଗୁରୁତ୍ୱ ଦେଇ କେମିତି ପ୍ରତିବର୍ଷ ଏହିପରି ଭାବେ କାର୍ଯ୍ୟକ୍ରମ କରି ପିଲାମାନଙ୍କ ମଧ୍ୟରେ ଏକଜୁଟତାର ସୂତ୍ର ମଜଭୁତ କରିବା ତଥା ସମୟ, ଶକ୍ତି ଓ ସମ୍ପତିକୁ କେମିତି ସୁବିନିଯୋଗ କରିହେବ ତାହା ଉପରେ ଆଲୋକପାତ କରିଥିଲେ । ଏକୋଇଶି ବର୍ଷର ବ୍ୟବଧାନ ପରେ ଏହିଭଳି କାର୍ଯ୍ୟକ୍ରମ ପାଇଁ ପୁରାତନ ପିଲାମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା । ବହୁ ଦୁରଦୂରାନ୍ତରୁ ପୁରୁଣା ଛାତ୍ରଛାତ୍ରମାନେ ଯୋଗଦେଇଥିଲେ। ଏଥିରେ ସମସ୍ତ ପୁରୁଣା ସ୍ମୃତିମାନ ନିଜନିଜ ମଧ୍ୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମର ସଭାପତି ଉତମ ଦାସଙ୍କ ନେତୃତ୍ୱରେ ପରିଚାଳନା ସୁଚାରୁରୂପେ ସମ୍ପାଦିତ ହୋଇଥିଲା । ଏଥିରେ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ ଓ ଉପଦେଷ୍ଟା ଡ.ମନୋରଞ୍ଜନ ପଣ୍ଡା ସହଯୋଗ କରିଥିଲେ। ଆଗାମୀ ବର୍ଷରେ ଅନୁପସ୍ଥିତ ରହିଥିବା ବନ୍ଧୁମାନଙ୍କୁ ଯୋଡିବା ଓ ସମୟକୁ ସଠିକ୍ ଭାବେ ପରିଚାଳନା କରାଯିବ ବୋଲି ସଭାପତି ଉତମ ଦାସ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ ।

# ଆଉ ମିଳୁନି ଢ଼ିଙ୍କି କୁଟା ସ୍ୱାଦିଷ୍ଟ ଚାଉଳ

## ଆଗାମୀ ପିଢ଼ି କେବଳ ଦେଖିବେ ଚିତ୍ର

ଘୁ.ଉଦୟଗିରି: ଭାରତ ବର୍ଷରେ ଗୋଟିଏ ଡାକରା ଥିଲା 'କୁଟି ଖାଅ, କାଟି ପିନ୍ଧ' । ଅର୍ଥାତ ଅରଟରେ ସୂତା କାଟି ତାହାକୁ ବସ୍ତ୍ର ତିଆରି କରି ପିନ୍ଧିବା ଓ ଶସ୍ୟକୁ କୁଟି ତହିଁରୁ ପ୍ରସ୍ତୁତ ଖାଦ୍ୟକୁ ଗ୍ରହଣ କରିବା। କହିବାକୁ ଗଲେ ସମ୍ପୂର୍ଣ୍ଣ ଦେଶୀ। ପଦାର୍ଥକୁ ଗୁରୁତ୍ୱର ସହ ବ୍ୟବହାର କରିବା। ଓଡ଼ିଆରେ ଏକ ପ୍ରବାଦ ରହିଛି ଢ଼ିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବୟ କିନ୍ତୁ ସେଇ ଢ଼ିଙ୍କି ଆଜି ଦେଖିବା ସ୍ୱପ୍ନ। କନ୍ଧମାଳ ଜିଲ୍ଲାରେ ଘରେ ଘରେ ସ୍ଥାନୀୟ ଅଧିବାସୀମାନେ ଢ଼ିଙ୍କିରେ ଧାନ କୁଟି ଚାଉଳ ପ୍ରସ୍ତୁତ କରୁଥିଲେ। ଢ଼ିଙ୍କି କୁଟା ସ୍ୱାଦିଷ୍ଟ ଏବଂ ପୃଷ୍ଟିକର ଚାଉଳ ଘରେ ଘରେ ବ୍ୟବହାର ହେଉଥିଲାୟସ୍ଥାନୀ। ଅଞ୍ଚଳରେ କୁଟା ଚାଉଳ ନାମରେ



ବେଶ ପରିଚିତ ଏହି ଚାଉଳର ଚାହିଦା ବେଶ ରହିଥିଲା। ହେଲେ ଏବେ ଆଉ ତାହା ଦେଖିବାକୁ ମିଳୁନି। କୁଟା ଚାଉଳ ପ୍ରସ୍ତୁତ ପାଇଁ ପରିଶ୍ରମ କରୁଥିଲେ ଲୋକ ସୁସ୍ଥ ବି ରହୁଥିଲେ। ବର୍ତ୍ତମାନ ସେ ଯୁଗ ଗଲା କଳ ଯୁଗ ଆସିଲା ତା ସହ କୁଟା ଚାଉଳ ସେଇ ସ୍ୱାଦ ସେଇ ପୃଷ୍ଟିକର ଚାଉଳ ସହ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହେଉ ଥିବା ଖାଦ୍ୟ ଆମ ଚତୁଃପାର୍ଶ୍ୱରୁ ଉଭେଇ ଯାଇଛି। ଆଉ ତହିଁରେ ବ୍ୟବହୃତ ସରଞ୍ଜାମ ସଂଗ୍ରହାଳୟରେ ସ୍ଥାନ ନେଲା କିମ୍ବା ଇତିହାସ ପାଲଟିଗଲା। ଆଉ ଆଗାମୀ ପିଢି ପାଇଁ ଏହା କେବଳ ଗୋଟିଏ କାହାଣୀ ହୋଇ ରହିଯାଇଛି।ଶସ୍ୟ ଜାତୀୟ ଖାଦ୍ୟକୁ ଖାଦ୍ୟପୋଯୋଗୀ କରିବା ପାଇଁ ଆମ ପୂର୍ବ ପିଢି ଯେଉଁ ଦେଶୀ। ପ୍ରଣାଳୀରେ ପ୍ରସ୍ତୁତ କରିଥିଲା ସେହି ଯନ୍ତ୍ରର ନାମ ହେଲା 'ଢିଙ୍କି'। ଢିଙ୍କି କୁଟା ଚାଉଳ ଯିଏ ଖାଇଛି ସିଏ ଜାଣିଛି ତାର ସ୍ୱାଦ ଓ ମୂଲ୍ୟ। ସେତେବେଳେ ସେହି ଅକାଣ୍ଡିଆ ଚାଉଳ ଶରୀରକୁ ପ୍ରଚୁର ଶକ୍ତି ଓ ଭିଟାମିନ ଯୋଗାଉଥିଲା। ବଗଡ଼ା ଚାଉଳ ଆଜି ଆଉ ନାହିଁ। ଢିଙ୍କି କୁଟା ଚାଉଳ ପ୍ରସ୍ତୁତ ସମୟରେ ଚାଉଳ ତାର ମୌଳିକ ସତ୍ତା ବା ପୌଷ୍ଟିକ ତତ୍ତ୍ୱ ହରାଇ ନଥାଏ। ଚାଉଳର ଯେଉଁ ଉପର ସ୍ତରରେ ବାଦାମୀ ରଙ୍ଗର ପରସ୍ତ ରହୁଥିଲା ସାଧାରଣତଃ ଅକ୍ଷତ ଅବସ୍ଥାରେ ରହୁଥିଲା। କିନ୍ତୁ ଧାନ କଳରେ ପେଶିବା ବେଳେ ଚାଉଳ ତାର ମୌଳିକ ତତ୍ତ୍ୱ ହରାଇ ଥାଏ ।ଆଜି ଆମେ ଆଖିକୁ ସୁନ୍ଦର ଦେଖାଯାଉଥିବା ଚିକ୍କଣ ଚାଉଳ ଖାଉଛନ୍ତି, ଯାହାକି ଆମର କେବଳ ଭୋକିଲା ପେଟ ପାଇଁ ଭୋକ ମେଣ୍ଟାଉଛି। ସେଥିରୁ ଶରୀର ପାଇଁ ଉପଯୁକ୍ତ ଶକ୍ତି ମିଳୁଥିବା ନେଇ ମନରେ ବିଶ୍ୱାସ ଆସୁନାହିଁ। ଢିଙ୍କି ସାହାଯ୍ୟରେ ସମସ୍ତ ଶସ୍ୟଜାତୀୟ ସାମଗ୍ରୀରୁ ଆମେ ଅନେକ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରୁଥିଲା। ଧାନ, ଗହମ, ମାଣ୍ଡିଆ, ମକା, କୁଇରି, ଚୁଡ଼ା ଓ ଡାଲି ଜାତୀୟ ଯଥା କାନ୍ଦୁଲ, କୋଳଥ ଭଳି ମଧ୍ୟ ଅନେକ ଏହା ସାହାଯ୍ୟରେ ପ୍ରସ୍ତୁତ ହେଉଥିଲା। ଢିଙ୍କି ଦ୍ୱାରା ପ୍ରସ୍ତୁତ ଚାଉଳ ଚୁନାରେ ଯେଉଁ ପିଠା ହେଉ ଥିଲା ତାହା କଳଦ୍ୱାରା ହୋଇ ଥିବା ଚୁନାରେ ଫରକ ଆଣୁଛି। ଯାହାବି ହେଉ ତାହାକୁ ଝୁରିବା ବ୍ୟତୀତ ଆଉ କୌଣସି ଉପାୟ ନାହିଁ। ଢିଙ୍କି ଆଜି ଆଉ କାଁ ଭାଁ ଦେଖିବାକୁ ମିଳୁଛି। ଢିଙ୍କି ଗୋଡ଼ ସାହାଯ୍ୟରେ ଓ ଆଉ ଗୋଟିଏ ହାତ ସାହାଯ୍ୟରେ କୁଟାଯାଉଥିଲା। ହାତରେ କୁଟା ଯାଉଥିବା ସରଞ୍ଜାମ 'କଡୁ ବା ପାହୁରାଣି' ନାମରେ ଜଣାଶୁଣା। ପରିବର୍ତ୍ତନଶୀଳ ଦୁନିଆରେ ଆବଶ୍ୟକତା ଅନୁସାରେ ଚାହିଦା ପୂରଣ ନ କରିପାରିବା,ଶ୍ରମ ଦାନର ଅଭାବ ଓ ଅଳସୁଆମି ପଣ ଯୋଗୁଁ ସଂସାରରୁ ଅନେକ ଜିନିଷ ହଜି ଯିବାକୁ ବସିଲାଣି।

## ଟାଟା ପାୱାର ବିରୁଦ୍ଧରେ ଗ୍ରାମବାସୀଙ୍କ ବିକ୍ଷୋଭ



ଅସ୍ତରଙ୍ଗ(ମହାଭାରତ): ଟାଟା ପାୱାର ର ମନମାନି ଆଜି ପର୍ଯ୍ୟନ୍ତ କମିଲାନି, କେତେବେଳେ ଘନ ଘନ ବିଦ୍ୟୁତ କାଟ ର ସମସ୍ୟା ତ ଆଉ କେତେବେଳେ ମିଟର ଓ ବିଦ୍ୟୁତ ବିଲ୍ କୁ ନେଇ ସମସ୍ୟା ସୃଷ୍ଟି କରିଛି ଟାଟା, କିନ୍ତୁ ଅସ୍ତରଙ୍ଗ ଅଞ୍ଚଳ ରେ ଟାଟା ବିରୁଦ୍ଧରେ ଆସିଛି ଏକା ଅଭାବନୀୟ ଓ ସ୍ୱାର୍ଥପରତା ର ଅଭିଯୋଗ, ଅଭିଯୋଗ ମୁତାବକ ଗତ ମାର୍ଚ୍ଚ ଏକ ତାରିଖ ରେ ଟାଟା ର ବିଜିନେସ ଆସୋସିଏଟ ଅଧୀନରେ ଅସ୍ତରଙ୍ଗ ନୂଆଗଡ ଅଞ୍ଚଳ ର ବଟକୃଷ୍ଣ ବେହେରା ନାମକ ଜଣେ ଲାଇନମ୍ୟାନ ୧୧ କେଭି ବିଦ୍ୟୁତ ମରାମତି ସମୟରେ ବିଭାଗ ର ଭୁଲ ପାଇଁ ହଟାତ ବିଦ୍ୟୁତ ଆଘାତ ରେ ତଳକୁ ଖସି ପଡିଲେ, ତାଙ୍କୁ ସହଯୋଗୀ ମାନେ ତୁରନ୍ତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠି ତାଙ୍କ ଜୀବନ ବଞ୍ଚିଥିଲା ସତ ମାତ୍ର ସ୍ୱାଇନାଲକଟ ରେ ଆଘାତ କାରଣ ରୁ ସେ ବର୍ତମାନ ସୁଦ୍ଧା ସୁସ୍ଥ ହେଇନାହାନ୍ତି, କିନ୍ତୁ ଏହି ସମୟରେ କମ୍ପାନୀ ଅନୁକମ୍ପା ବଦଳ ରେ ବଟା ଙ୍କୁ କରିଛି ଛଟେଇ ହଟାତ ବଟ ଙ୍କ ନାମରେ ଆସିଛି ଟର୍ମିନେଟ ନୋଟିସ,ଏହାକୁ ପ୍ରତିବାଦ କରି ଅସ୍ତରଙ୍ଗ ବ୍ଲକ ନୂଆଗଡ ପଞ୍ଚାୟତ ର ଶତାଧିକ ଗ୍ରାମବାସୀ, ସରପ□ ଓ ସମିତିସଭ୍ୟ ଏକାଠି ହୋଇ ଅସ୍ତରଙ୍ଗ ଉକୁଳେଇ ବିଦ୍ୟୁତ କାର୍ଯ୍ୟାଳୟ ସାମ୍ନା ରେ ଫାଟକ ବନ୍ଦ କରି ବିକ୍ଷୋଭ ପଦର୍ଶନ କରିଛନ୍ତି, ବଟ ଙ୍କୁ ନ୍ୟାୟ ନମିଳିଲେ ଆଗାମୀ ଦିନ ରେ ଆନ୍ଦୋଳନ ତୀବ୍ର ହେବ ବୋଲି ଗ୍ରାମବାସୀ ଦେଇଛନ୍ତି ଚେତାବନୀ, ଏ ବାବଦରେ ଅସ୍ତରଙ୍ଗ ଉକୁଳେଇ ଡିଭିଜନ ର ସେକ୍ସନ ଇନଚାର୍ଜ ସନ୍ତୋଷ ବେଉରା କହିଛନ୍ତି ଯେ ଏହି ଘଟଣା ସମ୍ପର୍କରେ ଆମେ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ଅବଗତ କରାଇବା ସହ ବଟକୃଷ୍ଣ ଙ୍କ ପ୍ରତି ଯାହା ସମ୍ଭବ ହେଇପାରିବ ତାହା ଅବଶ୍ୟ କରିବୁ, ଏବେ ଖବର ପ୍ରସାରଣ ପରେ ଟାଟା ପାୱାର ତରଫରୁ ବଟ ଙ୍କୁ କି ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ତାହା ଦେଖିବାକୁ ଅପେକ୍ଷା ।

## ପରିଚୟ ହରାଇଲାଣି ଭଟିମୁଣ୍ଡାର କଂସା, ପିତ୍ତଳ ଶିଳ୍ପ

### ଦିନେ ଥିଲେ ୫ ହଜାର କାରିଗର, ଏବେ ୧୦୦ରେ ସୀମିତ

କଟକ: ପରିଚୟ ହରାଇବାକୁ ବସିଲାଣି ଟାଙ୍ଗୀ ବ୍ଲକ୍ ଭଟିମୁଣ୍ଡାର ପ୍ରସିଦ୍ଧ କଂସା, ପିତ୍ତଳ ହସ୍ତଶିଳ୍ପ। ସରକାରୀ ପ୍ରୋତ୍ସାହନର ଅଭାବ ସହିତ ଏହି ହସ୍ତଶିଳ୍ପ ପ୍ରତି ଆନ୍ତରିକତାର ଅଭାବ ସ୍ପଷ୍ଟ ଦେଖାଯାଉଛି। ଯେଉଁଥିପାଇଁ ଏକଦା ଏଠାରେ ୫ ହଜାର ଲୋକ ହସ୍ତଶିଳ୍ପରେ ନିୟୋଜିତ ଥିବାବେଳେ ଏବେ ଏହି ସଂଖ୍ୟା ପାଖାପାଖି ୧୦୦କୁ ଖସିଆସିଛି। କେବଳ ସେତିକି ନୁହେଁ, ବଜାରରେ ଫାଇବର୍, ଷ୍ଟିଲ୍, ଆଲୁମିନିୟମ୍, କାଚ ସାମଗ୍ରୀଗୁଡ଼ିକ ଖୁବ୍ କମ୍ ଦରରେ ମିଳିଯାଉଥିବାରୁ କଂସା, ପିତ୍ତଳରେ ତିଆରି ବାସନକୁସନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳିଛି। ତିନୋଟି ରାଜସ୍ୱ ଗ୍ରାମ ଗାଁରବା, ସାରଙ୍ଗା, ଭଟିମୁଣ୍ଡାକୁ ନେଇ ଭଟିମୁଣ୍ଡା ପଞ୍ଚାୟତ ଗଠନ ହୋଇଥିଲା। ଏଠାକାର ୭ ହଜାର ଲୋକଙ୍କ ଭିତରୁ ପାଖାପାଖି ୮୦ ପ୍ରତିଶତ କଂସାରୀ। ସେମାନେ ହାତରେ କଂସାର ବିଭିନ୍ନ ବାସନକୁସନ ଗରା, ହଣ୍ଡା, ତସଲା, ଡାଳ, ଥାଳି ଇତ୍ୟାଦି ତିଆରି କରି ବଜାରରେ ବିକ୍ରି କରିଥାନ୍ତି। ଭଟିମୁଣ୍ଡାର କଂସାରୀମାନଙ୍କୁ ପୁରୀ ଶ୍ରୀମନ୍ଦିର ପକ୍ଷରୁ



ମହାପ୍ରଭୁଙ୍କ ଘଣ୍ଟ ସେବା ପାଇଁ ସ୍ୱତନ୍ତ୍ର ଭାବେ ନିୟୋଜନ କରାଯାଇଥାଏ। ପୁରୀ ସ୍ୱକଲିପିରେ ମଧ୍ୟ ଏହା ଉଲ୍ଲେଖ ରହିଛି। ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଘଣ୍ଟସେବାରେ ଏମାନେ ନିୟୋଜତ ହୋଇଥାନ୍ତି। ଏସବୁ ସତ୍ତ୍ୱେ ଏହି କଂସାରୀମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି।କଂସା ଓ ପିତ୍ତଳ ସାମଗ୍ରୀ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ପ୍ରାୟତଃ କୋଲକାତା କିମ୍ବା କଟକରୁ ମିଳିଥାଏ। କିନ୍ତୁ କଞ୍ଚାମାଲ ଅଣାଯିବା ସମୟରେ ସେମାନଙ୍କୁ ବହୁ ଜୁଲୁମ ସହିବାକୁ ପଡୁଥିବା ଅଭିଯୋଗ ହୋଇଛି।ସେହିପରି କାଠ ଚୁଲିରେ କଞ୍ଚାମାଲ୍ ତରଳାଯାଇ ମିଶ୍ରଣ କରାଯିବା ଓ ପରେ ହାତରେ ବାଡ଼େଇ ବାଡ଼େଇ ବାସନକୁସନର ଆକୃତି ଦିଆଯାଉଥିବାରୁ ସେହି ସାମଗ୍ରୀର ମୂଲ୍ୟ ବହୁତ ଅଧିକ ହୋଇଥାଏ। କଂସା କିଲୋଗ୍ରାମ୍ ପିଛା ପାଖାପାଖି ୨୮୦୦ ଟଙ୍କା ଥିବା ବେଳେ ପିତ୍ତଳ ପାଖାପାଖି ୧୫୦୦ ଟଙ୍କା। ହେଲେ ଏହା ତୁଳନାରେ ଷ୍ଟିଲ୍, ଫାଇବର୍ ବାସନର ଦାମ୍ ଢେର କମ୍। ଏଣୁ ଲୋକମାନେ ଏହାକୁ କିଣିବାକୁ ଆଗ୍ରହ ଦେଖାଉ ନାହାନ୍ତି।

## କପ୍ତିପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଛାତ୍ର ଛାତ୍ରୀ ଙ୍କ ବାଜିମାତ

କପ୍ତିପଦା -(ମହାଭାରତ ): କପ୍ତିପଦା -ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଦ୍ୱାରା ଆୟୋଜିତ ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ଏବଂ ପ୍ରାଦେଶିକ ମେଧା ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କପ୍ତିପଦାର ଛାତ୍ରମାନେ ବିଭିନ୍ନ ସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି। ପ୍ରାଦେଶିକ ମେଧା ପରୀକ୍ଷାରେ ତୃତୀୟ ଶ୍ରେଣୀର ଏ.କେ.ମୟାଂଶୁ ଗାଁଣ ସାରା ଓଡ଼ିଶାରେ ଷଷ୍ଠ ସ୍ଥାନ ଓ ଦିବ୍ୟାଂଶୁ ସଉ ସାରା ଓଡ଼ିଶାରେ ନବମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ଦିବ୍ୟାଂଶୁ ସଉ ତୃତୀୟ ସ୍ଥାନ, ଏ. କେ.ମୟାଂଶୁ ଗାଁଣ ଷଷ୍ଠ ସ୍ଥାନ ଏବଂ ସପ୍ତମ ଶ୍ରେଣୀର ଛାତ୍ର ରବି ଶଙ୍କର ହାତୀ ପଞ୍ଚମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣି ପାରିଛନ୍ତି।

## ଭୋଗବାଡ଼ି ଗ୍ରସ୍ତ କଲେ ଦଶପଲ୍ଲା ବ୍ଲକ ଅଧିକାରୀ



ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଭୋଗବାଡ଼ି ପଞ୍ଚାୟତର ବିଭିନ୍ନ ଗ୍ରାମ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଡିଓ ଶରତ କୁମାର ମଲିକୟ ଶ୍ରୀ ମଲିକ ବୁଧବାର ଦିନ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଜନସାଧାରଣଙ୍କ ମୌଳିକ ସମସ୍ୟା ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଛନ୍ତି। ବିଡିଓ ପ୍ରଥମେ ଗ୍ରାମର ଅଗ୍ନି ବିପତ୍ତଙ୍କ ପାଖରେ ପହଞ୍ଚିଥିଲେ। ଦୀର୍ଘ ଦିନ ହେବ ଜରିପାଲ ତଳେ ଦିନ କାଟୁଥିବା ପରିବାରଙ୍କ ଦୁଃଖ ବୁଝିବା ସହ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଆଶ୍ୱାସନା ଦେଇଥିଲେ। ଏହାପରେ ସେ ଦୁଡୁକିପାଜୁ ଅଞ୍ଚଳକୁ ଯାଇ ସେଠାରେ ବିସ୍ଥାପିତଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ମାଟି ଧସୁଥିବା ଯୋଗୁଁ ବିପଦପୂର୍ଣ୍ଣ ଅବସ୍ଥା ସୃଷ୍ଟି ହେଉଥିବା ଦେଖି, ସୁରକ୍ଷା ପାଇଁ ତୁରନ୍ତ ଏକ 'ଗାର୍ଡ ୱାଲ' ବା ସୁରକ୍ଷା ପ୍ରାଚୀର ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗସ୍ତ ସମୟରେ ବିଡିଓ ଶ୍ରୀ ମଲିକ ସ୍ଥାନୀୟ ପିଆରଆଇ ସଭ୍ୟ ଓ ଗ୍ରାମର ବ୍ୟକ୍ତିବିଶେଷଙ୍କ ସହ ପଞ୍ଚାୟତର ଅନ୍ୟାନ୍ୟ ଉତ୍ତୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ନ୍ୟୁଲାଇଫ ଇଂରାଜୀ ବିଦ୍ୟାଳୟରେ ଦଶମ ବୋର୍ଡ ପରିକ୍ଷାରେ ପ୍ରକାଶ ପାଇଲା ଫଳା ଫଳ

## ସତ୍ୟଜୀତ ହୋତା ହେଲେ ବିଦ୍ୟାଳୟର ଟପର

ବିଷମ କଟକ (ମହାଭାରତ):ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକର ସଦର ନ୍ୟୁଲାଇଫ ଇଂରାଜୀ ବିଦ୍ୟାଳୟ ର ଦଶମ ବୋର୍ଡ ପରିକ୍ଷା ର ଆଇ.ସି.ଏସ୍.ଇ. ବର୍ଗର ବୋର୍ଡ ପରିକ୍ଷା ଫଳାଫଳ ପ୍ରକାଶ ପାଇଛି । ଏଥିରେ ନ୍ୟୁଲାଇଫଂ ଇରାଜୀ ବିଦ୍ୟାଳୟର ଛାତ୍ର ସତ୍ୟଜୀତ ହୋତା ୯୩.୬ ପ୍ରତିଶତ ମାର୍କ ରଖି ଏହି ବିଦ୍ୟାଳୟର ଟପର ହୋଇଛନ୍ତି । ସେହି ପରି ଦ୍ୱତୀୟ ସ୍ଥାନ ରେ ବିଦ୍ୟାଳୟର ଜି.ସମର୍ଥ କୁମାର ୯୨.୨, ଏବଂ ସୋମ୍ୟରଂଜନ ଦାଶ ୮୯.୬, ବିଶ୍ୱଜିତ ସ୍ୱାଇଁ ୮୬.୮ ଏବଂ ସ୍ୱପ୍ନିଲ ରଂଜନ ପାତ୍ର ୮୬.୪ ପ୍ରତିଶତ ମାର୍କ ରଖିଛନ୍ତି । ବିଦ୍ୟାଳୟର ମୋଟ ୪୪ ଜଣ ଛାତ୍ରଛାତ୍ରୀ ପରିକ୍ଷା ଦେଇଥିବା ବେଳେ ୨୦ ଜଣ ଡିଷ୍ଟିକସନ୍, ୧୨ ପ୍ରଥମ ,୭ ଜଣ ଦ୍ୱିତୀୟ ଏବଂ ୨ ଜଣ ତୃତୀୟ ସ୍ଥାନରେ ରହିଛନ୍ତି । ନ୍ୟୁଲାଇଫଂ ଇରାଜୀ ବିଦ୍ୟାଳୟରେ ଚଳିତ ବର୍ଷର ଦଶମ ପରୀକ୍ଷା ରେ ଛାତ୍ର ସତ୍ୟଜୀତ ହୋତା ୯୩.୬ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ର ଟପର ହୋଇଛନ୍ତି। କୃତି ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷ ମଳୟ ବେନିୟା ଏବଂ ସମସ୍ତ ଅଧାପକ ଅଧାପିକା ମାନେ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ସମସ୍ୟା ଘେରରେ ଗୋସାଣୀ ବ୍ଲକ କାର୍ଯ୍ୟାଳୟ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ସମସ୍ୟା ଘେରରେ ଥିବା ଅଭିଯୋଗ ହଉଛି। ଏଠାରେ କର୍ମଚାରୀ ଦୀର୍ଘଦିନ ହେଲା ବଦଳି ହେଉନଥିବା ଅଭିଯୋଗ ହଉଛି। କର୍ମଚାରୀ ହେଡ କ୍ୱେଟର୍ ରେ ରହୁ ନାହାଁନ୍ତି । ପାରଳାଖେମୁଣ୍ଡି ସହର ରେ ରହୁଛନ୍ତି।ମହାତ୍ମା ଗାନ୍ଧୀ ଯୋଜ ନା ରେ ଦୁର୍ନୀତି ହେଉଥିବାର ଅଭିଯୋଗ ସହ ଖବର କାଗଜ ରେ ମଧ୍ୟ ପ୍ରକାଶ ପାଇଥିଲା। ଏହି ଭଳି ସରକାର ଙ୍କ ବିଭିନ୍ନ ଯୋଜନା ଦୁର୍ନୀତି ହେଉଥିବାର ଅଭିଯୋଗ ହଉଛି। ସରକାର ଏଥି ପ୍ରତି ଦୃଷ୍ଟି ଦେଲେ ଜନ ସାଧାରଣ ଉପକୃତ ହୋଇ ପାରିବେ।

# ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଜିଲ୍ଲା ବାସୀ

## ଅନିଶ୍ଚିତତା ଘେରରେ ୧୬ ଶହ କୋଟିର ୬ ମେଗା ପ୍ରକଳ୍ପ

ନୟାଗଡ, ( ମହାଭାରତ ) : ଗ୍ରୀଷ୍ମ ହେଉ କି ବର୍ଷା, ବର୍ଷତମାମ୍ ନୟାଗଡ଼ ଜିଲ୍ଲା ପାନୀୟ ଜଳ ସଙ୍କଟରେ ଘାଣ୍ଟି ହେବା ସହ କଲବଲ ହେଉଛିୟ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସୁଧା ଓ ଜଳ ଜୀବନ ମିଶନ ଜରିଆରେ ଛଅ ଟି ବୃହ୍ ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରାୟ ୧୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଏହି ପ୍ରକଳ୍ପ ଗୁଡ଼ିକ କେବେ ଶେଷ ହୋଇ କାର୍ଯ୍ୟକ୍ଷମ ହେବ, ସେଥି ନେଇ ସମସ୍ତେ ଏବେ ଦ୍ୱ-ରେ ଅଛନ୍ତି। ଅବଧି ପରେ ଅବଧି ଗଡ଼ି ଚାଲୁଥିଲେ ମଧ୍ୟ ଏହି ପ୍ରକଳ୍ପ ଗୁଡ଼ିକ ଶେଷ ହୋଇପାରୁନାହିଁ। ଚଳିତ ବର୍ଷ ଶେଷ ସୁଦ୍ଧା ୫ଟା ପ୍ରକଳ୍ପ ଓ ବାକି ୧ଟା ଆସନ୍ତା ୨୦୨୭ରେ ଶେଷ ହେବ



ବୋଲି ପାନୀୟ ଜଳ ଓ ପରିମଳ ବିଭାଗ ( ଆରଡବ୍ଲୁଏସ୍ଏସ୍ ) ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏହାକୁ ନେଇ ଏବେ ବି ଆଶଙ୍କା ରହିଛି। ଜିଲ୍ଲାର ସବୁଠାରୁ ବୃହ୍ ମେଗା ପାନୀୟ ଜଳ ପ୍ରକଳ୍ପ ଖଣ୍ଡପଡ଼ା ବ୍ଲକ୍ ରେ ନିର୍ମାଣ କରାଯାଉଛି। ଏଥିପାଇଁ ୬୦୩.୪୪ କୋଟି ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ବସୁଧା ଯୋଜନାରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଯୋଗୁଁ ନୟାଗଡ଼, ଖଣ୍ଡପଡ଼ା, ନୂଆଗାଁ ଓ ଭାପୁର ବ୍ଲକ୍ ର ୭୯ ପଞ୍ଚାୟତର ୪୯୮ଟି ଗାଁ ଉପକୃତ ହୋଇପାରିବ। ୨୦୧୯ ରେ ଏହି ପ୍ରକଳ୍ପ ପାଇଁ ଶୁଭ ଦିଆଯାଇଥିବା ବେଳେ ୨୦୨୧ ଡିସେମ୍ବର ୫ ତାରିଖରେ ଏହା ଶେଷ ହେବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ମାତ୍ର ଇତି ମଧ୍ୟରେ ଦୁଇଟି ଅବଧି ଶେଷ ହୋଇଥିଲେ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବିଭିନ୍ନ ସମସ୍ୟାରେ ଏହି ପ୍ରକଳ୍ପଟି ରହିଥିଲେ ମଧ୍ୟ ଚଳିତ ବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଉଛି। ସେହିପରି ଜଳ ହିଁ ଜୀବନ ମିସନ ଅଧୀନରେ ଓଡ଼ଗାଁରେ ଆଉ ଏକ ପ୍ରକଳ୍ପ ତିଆରି ଚାଲିଛି। ଏହାଦ୍ୱାରା ଓଡ଼ଗାଁର ୩୬ ଓ ରଣପୁର ବ୍ଲକ୍ର ୬ଟି କୁ ମିଶାଇ ମୋଟ୍ ୪୨ଟି ପ□ାୟତ ଉପକୃତ ହେବା ସେଥିପାଇଁ ୨୩୬.୬୭କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ସେହିପରି ୨୫୧.୮୭ କୋଟି ଟଙ୍କା ବ୍ୟୟରେ ରଣପୁର ବ୍ଲକ୍ର ୩୧ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ଦୁଇଟିକୁ ଆସନ୍ତା ୨୦୨୬ ଜୁନ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ୯୭.୬୬ କୋଟି ଟଙ୍କାରେ ଗଣିଆ ବ୍ଲକ୍ରେ ୮ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦେବା ପାଇଁ ଆଉ ଏକ ପ୍ରକଳ୍ପ ନିର୍ମାଣ କରାଯାଉଛି । ଦଶପଲ୍ଲା ବ୍ଲକ୍ର ୨୦ଟି ପଞ୍ଚାୟତକୁ ପାଣି ଯୋଗାଇ ଦେବା ପାଇଁ ୨୪୨.୭୨ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ତିଆରି କରାଯାଉଛି। ସେହିପରି ନୂଆଗାଁ ବ୍ଲକ୍ରେ ୧୪୪.୩୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ୧୪ଟି ପଞ୍ଚାୟତକୁ ପାଣି ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ତିନି ପ୍ରକଳ୍ପ ୨୦୨୩ ମାର୍ଚ୍ଚ ୧୫ ତାରିଖରେ ଆରମ୍ଭ ହୋଇଥିବା ବେଳେ ୨୦୨୫ ମାର୍ଚ୍ଚ ସୁଦ୍ଧା ଶେଷ କରାଯିବ ବୋଲି କୁହାଯାଇଥିଲା। ମାତ୍ର ବିଭିନ୍ନ କାରଣ ପାଇଁ ଏହା ଘୁଞ୍ଚି ଘୁଞ୍ଚି ଆସନ୍ତା ବର୍ଷ ଶେଷ ହେବ ବୋଲି ଗତ ଦିଶା ବୈଠକରେ ବିଭାଗୀୟ ନିର୍ବାହୀ ଅଧିକାରୀ ଆଲୋକ ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ବିଶେଷ କରି ଜଙ୍ଗଲ ଜମିରେ ଇନ୍ଟେକ୍ ୱେଲ୍ ନିର୍ମାଣରେ ସମସ୍ୟା ହେଉଥିବାରୁ ଏ ନେଇ ସେ ସମସ୍ତ ଜନପ୍ରତିନିଧି ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଆହ୍ଲାବାଦ ହାଇକୋର୍ଟଙ୍କର କ'ଣ ହୋଇଛି: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ଆହ୍ଲାବାଦ ହାଇକୋର୍ଟ ଦ୍ୱାରା ନ୍ୟାୟିକ ନିଷ୍କ୍ରିୟତାକୁ ନେଇ ସୁପ୍ରିମ୍‌କୋର୍ଟ ଗୁରୁବାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜଷ୍ଟିସ ଜେ.ବି. ପାର୍ଦିୱାଲା ଏବଂ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ, ଏକ ଚର୍ଚ୍ଚିତ ଯୌତୁକ ମୃତ୍ୟୁ ମାମଲାରେ ଅଭିଯୁକ୍ତ ସ୍ୱାମୀକୁ ଆହ୍ଲାବାଦ ହାଇକୋର୍ଟ ପ୍ରଦାନ କରିଥିବା ଜାମିନକୁ ରଦ୍ଦ କରିଛନ୍ତି। ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ଏହି ନିଷ୍ପତ୍ତିକୁ ଅତ୍ୟନ୍ତ ବିସ୍ମୟକର ଏବଂ ନୈରାଶ୍ୟଜନକ ବୋଲି ବର୍ଣ୍ଣନା କରିବା ସହ ଅପରାଧର ଗୁରୁତ୍ୱକୁ ବିଚାରକୁ ନନେଇଥିବାରୁ ଏହାକୁ ନ୍ୟାୟର ପ୍ରହସନ ବୋଲି କହିଛନ୍ତି।

ଏହି ମାମଲାଟି ୨୨ ବର୍ଷୀୟା ସୁଷମା ବର୍ମାଙ୍କ ମୃତ୍ୟୁ ସହିତ ଜଡ଼ିତ, ଯିଏ କି ଉତ୍ତର ପ୍ରଦେଶର ଶ୍ରାବସ୍ତୀସ୍ଥିତ ନିଜ ଶ୍ୱଶୁର ଘରେ ଏପ୍ରିଲ ୨୫, ୨୦୨୫ରେ ସନ୍ଦେହଜନକ ପରିସ୍ଥିତିରେ ପ୍ରାଣ ହରାଇଥିଲେ। ଅଭିଯୁକ୍ତ ସ୍ୱାମୀ ଦେବରାଜ ସହିତ ତାଙ୍କ ବିବାହର ମାତ୍ର ତିନି ମାସ ପରେ ଏହି ଘଟଣା ଘଟିଥିଲା। ଏକ ଚାରିଚକିଆ ଯାନ ପାଇଁ ଯୌତୁକ ଦାବି କରି ମାସ ମାସ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିବା ବେଳେ, ପୋଷ୍ଟମର୍ଟମ ରିପୋର୍ଟରେ ଶ୍ୱାସରୁଦ୍ଧ ଯୋଗୁଁ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଥିଲା। ଏହା ସତ୍ତ୍ୱେ, ଆହ୍ଲାବାଦ ହାଇକୋର୍ଟ ଅକ୍ଟୋବର ୧୦, ୨୦୨୫ ରେ ଅଭିଯୁକ୍ତର ପୂର୍ବ ଆପରାଧିକ ରେକର୍ଡ ନଥିବା ଏବଂ ଜେଲ୍ ରହଣି ସମୟକୁ ଆଧାର କରି ଜାମିନ ପ୍ରଦାନ କରିଥିଲେ।



ମୃତକଙ୍କ ପିତାଙ୍କ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି ଯେ, ହାଇକୋର୍ଟ ଯୌତୁକ ମୃତ୍ୟୁ ସମ୍ପର୍କିତ ଆଇନଗତ ଅନୁମାନକୁ ବିଚାରକୁ ନେବାରେ ବିଫଳ ହୋଇଛନ୍ତି। ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩ର ଧାରା ୧୧୮ ଅନୁଯାୟୀ, ଯଦି ବିବାହର ସାତ ବର୍ଷ ମଧ୍ୟରେ ଅସ୍ୱାଭାବିକ ମୃତ୍ୟୁ ଘଟେ ଏବଂ ମୃତ୍ୟୁ ପୂର୍ବରୁ ଯୌତୁକ ପାଇଁ ନିର୍ଯାତନା ଦିଆଯାଇଥାଏ, ତେବେ ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ବୋଲି ଧରିନେବା ଆବଶ୍ୟକ। ହାଇକୋର୍ଟଙ୍କ ଦୃଷ୍ଟିକୋଣକୁ ସମାଲୋଚନା କରି ବେଞ୍ଚ ପ୍ରଶ୍ନ କରିଛନ୍ତି, ହାଇକୋର୍ଟଙ୍କର କ'ଣ ହୋଇଛି ? ଯୌତୁକ ମୃତ୍ୟୁ ଭଳି ଏକ ଗମ୍ଭୀର ଅପରାଧରେ ଅଭିଯୁକ୍ତକୁ ଜାମିନ ଦେବା ପାଇଁ ହାଇକୋର୍ଟ କେଉଁ କାରଣ ପାଇଲେ ଆମେ ବୁଝିପାରୁନାହୁଁ ବୋଲି ଖଣ୍ଡପୀଠ କହିଛନ୍ତି।

ଅଭିଯୁକ୍ତକୁ ଜାମିନ ପ୍ରଦାନ କରିଥିବା ଆହ୍ଲାବାଦ ହାଇକୋର୍ଟ ବିଚାରପତି ପଙ୍କଜ ଭାଟିଆ ଇତିମଧ୍ୟରେ ମୁଖ୍ୟ ବିଚାରପତିଙ୍କୁ ନିଜକୁ ଜାମିନ ରୋଷ୍ଟରରୁ ଦୂରେଇ ରଖିବାକୁ ଅନୁରୋଧ କରିଛନ୍ତି। ସଂଗୃହିତ ତଥ୍ୟ ଅନୁଯାୟୀ, ୨୦୨୫ର ଶେଷ ଭାଗରେ ସେ ତାଙ୍କ ନିକଟକୁ ଆସିଥିବା ଯୌତୁକ ମୃତ୍ୟୁ ମାମଲାଗୁଡ଼ିକ ମଧ୍ୟରୁ ପ୍ରାୟ ସମସ୍ତ କ୍ଷେତ୍ରରେ ଜାମିନ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ମହିଳାଙ୍କ ବିରୋଧରେ ହେଉଥିବା ହିଂସା ମାମଲାରେ ଜାମିନ ଆବେଦନର କଠୋର ଯାଞ୍ଚ ନିଶ୍ଚିତ କରିବା ପାଇଁ ଏହି ରାୟର ଏକ ନକଲ ଆହ୍ଲାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟକୁ ପଠାଯାଇଛି।

## ଉତ୍ତରପ୍ରଦେଶରେ କାଳବୈଶାଖୀର କରାଳ ରୂପ : ୭ ମୃତ ଓ ୨୧ ଆହତ





ଉତ୍ତରପ୍ରଦେଶ : ଗତକାଲି ଉତ୍ତରପ୍ରଦେଶର ସୁଲତାନପୁର ଜିଲ୍ଲାରେ ପ୍ରବଳ ଝଡ଼-ତୋଫାନ ଏବଂ ବର୍ଷା ତାଣ୍ଡବ ସୃଷ୍ଟି କରିଛି । ଏହି ପ୍ରାକୃତିକ ବିପର୍ଯ୍ୟରେ ୨ ଶିଶୁଙ୍କ ସମେତ ୭ ଜଣଙ୍କର ମୃତ୍ୟୁ ଘଟିଛି । ଏଥିସହ ଏଥିରେ ୨୧ ଜଣ ମଧ୍ୟ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଜିଲ୍ଲା ପ୍ରଶାସନ ପ୍ରଭାବିତ ପୀଡିତ ପରିବାରକୁ ସହାୟତା ଏବଂ କ୍ଷତିପୂରଣ ପ୍ରଦାନ କରିଛନ୍ତି । ସର୍ବାଧିକ ଝଡ଼-ତୋଫାନ ବଲଡିରାଇ, ହଲିଆପୁର, ଅଖଣ୍ଡନଗର, ବନ୍ଧୁଆକଲା ଏବଂ କୁଦ୍ୱାର ଥାନା ଅଞ୍ଚଳ ସମେତ ଅନେକ ଅଞ୍ଚଳରେ ଅନୁଭବ ହୋଇଛି । ବିଭିନ୍ନ ସ୍ଥାନରେ ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ପଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ସୂଚନାନୁଯାୟୀ, ଜଣେ ୨୦ ବର୍ଷୀୟ ବ୍ୟକ୍ତି ତାଙ୍କ ଭଉଣୀ ବାହାଘର ପାଇଁ ୧୦ ଦିନ ପୂର୍ବରୁ ବିଦେଶରୁ ଫେରିଥିଲେ । କିନ୍ତୁ ଭଉଣୀ ବାହାଘର ପୂର୍ବରୁ କୁଡୱାର ଥାନା ନିକଟରେ ବିଦ୍ୟୁତ୍ ଖୁଣ୍ଟ ତାଙ୍କ ଉପରେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ବଲଦିରାୟ ଥାନା ନିକଟରେ ମଧ୍ୟ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ମାଫିଆତ ସହରରେ ଘର ଛାତର ଇଟା ଖସି ଜଣେ ୮ ବର୍ଷୀୟ ଝିଅର ମୃତ୍ୟୁ ଘଟିଛି । ସେହିପରି ସିଂଘନୀ ଗାଁର ୫୮ ବର୍ଷୀୟ ବ୍ୟକ୍ତିଙ୍କ ଉପରେ ଗଛ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲାବେଳେ ପତ୍ନୀ ଗୁରୁତର ଆହତ ହୋଇଛନ୍ତି । ଡୋଭିଆରା ଗାଁର ଜଣେ ୩୫ ବର୍ଷୀୟ ମହିଳାଙ୍କ ଉପରେ ମାଟି କାନ୍ଥ ଭୁଶୁଡି ତାଙ୍କର ମୃତ୍ୟୁ ହୋଇଛି । ଅଖଣ୍ଡନଗର ଥାନା ଅନ୍ତର୍ଗତ ବରାମଦପୁର ଗାଁର ଜଣେ ୮ ବର୍ଷୀୟ ପିଲାର ମୃତ୍ୟୁ ଘଟିଛି ଏବଂ ୧୬ ବର୍ଷୀୟ ଓ ୧୧ ବର୍ଷୀୟ ପିଲା ଆହତ ହୋଇଛନ୍ତି । ବନ୍ଧୁଆକାଲାର ଅଲିଗଞ୍ଜରେ ଗଛ ପଡ଼ି ୪୦ ବର୍ଷୀୟ ମହିଳାଙ୍କ ଜୀବନ ଚାଲିଯାଇଛି । ମାଟି କାନ୍ଥ ପଡ଼ି କୁରେଭାର ଥାନା ଅନ୍ତର୍ଗତ ପଟନା ମଣିପୁରର ଜଣେ ୭୦ ବର୍ଷୀୟ ମହିଳାଙ୍କର ମଧ୍ୟ ମୃତ୍ୟୁ ହୋଇଛି । ସେପଟେ ପୂର୍ବାଞ୍ଚଳ ଏକ୍ସପ୍ରେସୱେର ୮୦ କିଲୋମିଟର ଥିବା ଟୋଲ ପ୍ଲାଜା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ଯାହା ଦ୍ୱାରା ଲୋକ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ।

## ଟୁଡେଜ୍ ଚାଣକ୍ୟ ଏକ୍‌ଜିଟ ପୋଲ୍ ପଶ୍ଚିମବଙ୍ଗରେ ଟିଏମ୍‌ସିକୁ ଝଟ୍‌କା

ନୂଆଦିଲ୍ଲୀ: ପ୍ରତିଷ୍ଠିତ ସର୍ଭେ ସଂସ୍ଥା 'ଟୁଡେଜ୍ ଚାଣକ୍ୟ' ଆଜି ୨୦୨୬ ବିଧାନସଭା ନିର୍ବାଚନ ପାଇଁ ଏକ୍‌ଜିଟ ପୋଲ୍(ବୁଥ୍ ବାହୁଡ଼ା ମତ) ଜାରି କରିଛି। ଏହି ଆକଳନ ଅନୁଯାୟୀ, ପଶ୍ଚିମବଙ୍ଗ ଓ କେରଳରେ କ୍ଷମତା ସମୀକରଣ ବଦଳୁଥିବା ବେଳେ ଆସାମରେ ଏନଡିଏ ନିଜର ଗଡ଼ ରକ୍ଷା କରିବାରେ ସଫଳ ହେଉଥିବା ଜଣାପଡ଼ିଛି। ସବୁଠାରୁ ଚକିତ କଲାଭଳି ତଥ୍ୟ ପଶ୍ଚିମବଙ୍ଗରୁ ଆସିଛି। ସମୀକ୍ଷା ଅନୁଯାୟୀ, ଶାସକ ତୃଣମୂଳ କଂଗ୍ରେସ ମାତ୍ର ୧୦୦ ଆସନରେ ସୀମିତ ରହିପାରେ। ଦଳର ଭୋଟ୍ ପ୍ରତିଶତ ୩୮% ରହିବ ବୋଲି ଆକଳନ କରାଯାଇଛି, ଯାହା ମମତା ବାନାର୍ଜୀଙ୍କ ସରକାର ପାଇଁ ଏକ ବଡ଼ ବିପର୍ଯ୍ୟୟ। ଅନ୍ୟପଟେ ବିଜେପି ଏଠାରେ ୧୯୨ ଆସନ ସହ ବଡ଼ ବିଜୟ ଆଡ଼କୁ ଅଗ୍ରସର ହେଉଥିବା ଆକଳନ କରାଯାଇଛି। ଅନ୍ୟ ସମସ୍ତ ବିରୋଧୀ ଦଳ ସମ୍ପୂର୍ଣ୍ଣ ପୋଛି ହୋଇଯିବା ଆଶଙ୍କା ରହିଛି।



ଆସାମରେ ବିଜେପି ନିଜର ସରକାର ବଜାୟ ରଖିବ ବୋଲି କୁହାଯାଇଛି। ଏନଡିଏ ଏଠାରେ ୧୦୨ ଆସନ ଏବଂ କଂଗ୍ରେସ ମେଣ୍ଟ ୨୩ ଆସନ ପାଇବା ସମ୍ଭାବନା ରହିଛି। କେରଳରେ ପୁଣି କ୍ଷମତା ପରିବର୍ତ୍ତନର ପରମ୍ପରା ଫେରୁଥିବା ଏହି ଆକଳନରୁ ଜଣାପଡ଼ିଛି। ଏଠାରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ୬୯ ଆସନ ସହ ଶାସନ ଗାଦି ଅକ୍ତିଆର କରିପାରେ। ଏଲ୍‌ଡିଏଫ୍ ୬୪ ଆସନରେ ସୀମିତ ରହିବ ବୋଲି ଟୁଡେଜ୍ ଚାଣ୍ୟକ କହିଛି। ୨୩୪ ସଦସ୍ୟ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ଷ୍ଟାଲିନଙ୍କ ଡିଏମ୍‌କେକୁ ୧୨୫, ଏଆଇଏଡିଏମକେକୁ ୪୫ ଏବଂ ବିଜୟଙ୍କ ଟିଭିକେକୁ ୬୩ ଆସନ ମିଳିବ ବୋଲି ଆକଳନ କରାଯାଇଛି।

## ପାକିସ୍ତାନ ମାନଚିତ୍ରରେ ଜମ୍ମୁ କଶ୍ମୀର ଏବଂ ଲଦାଖ ଦେଖାଇଲା ନେପାଳ ଏୟାରଲାଇନ୍ସ, ବିବାଦ ପରେ କ୍ଷମା ମାଗିଲା




ନୂଆଦିଲ୍ଲୀ : ଭାରତର ଭୁଲ୍ ମ୍ୟାପ୍ ଦେଖାଇ ବିବାଦରେ ଫସିଲା ନେପାଳ ଏୟାରଲାଇନ୍ସ । ନେପାଳ ଏୟାରଲାଇନ୍ସର ଭୁଲ୍ ଭାରତ ମାନଚିତ୍ରରେ ଜମ୍ମୁ କଶ୍ମୀରକୁ ପାକିସ୍ତାନ ଅଞ୍ଚଳ ଭାବରେ ଦର୍ଶାଯାଇଛି । ନେପାଳ ଏୟାରଲାଇନ୍ସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଫ୍ଲାଇଟ୍ ନେଟୱାର୍କ ମ୍ୟାପ୍ ପୋଷ୍ଟ କରିଛି, ଯେଉଁଥିରେ ସମଗ୍ର ଜମ୍ମୁ ଏବଂ କଶ୍ମୀରକୁ ପାକିସ୍ତାନର ଅଂଶ ଭାବରେ ଦର୍ଶାଯାଇଥିଲା । ତେବେ ଏହାକୁ ନେଇ ସମାଲୋଚନା ହେବା ପରେ ୨୪ ଘଣ୍ଟା ଭିତରେ କ୍ଷମା ମାଗିଛି ନେପାଳ ଏୟାରଲାଇନ୍ସ ।

ଏୟାରଲାଇନ ତରଫରୁ ଏକ ରୁଟ୍ ମ୍ୟାପ୍ ସେୟାର କରାଯାଇଥିଲା, ଏଥିରେ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ କଶ୍ମୀର ଏବଂ ଲଦାଖକୁ ପାକିସ୍ତାନର ବୋଲି ଦର୍ଶାଯାଇଥିଲା । ଏହା ସୋସିଆଲ ମିଡିଆରେ ଭାଇରଲ ହେବା ପରେ ଭାରତୀୟ ୟୁଜର୍ସ ଏୟାରଲାଇନକୁ ବୟକଟ୍ କରିବା ପାଇଁ ଟ୍ରେଣ୍ଡ କରିଥିଲେ । ଏହାସହିତ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏବଂ ବିମାନ ଚଳାଚଳ ଉନ୍ନୟନ ମନ୍ତ୍ରଣାଳୟକୁ ନେପାଳ ସରକାରଙ୍କ ବିରୋଧରେ କୂଟନୈତିକ ବିରୋଧ କରିବାକୁ ଦାବି କରିଥିଲେ । ଯାହା ପରେ ନେପାଳ ଏୟାରଲାଇନ୍ସ ତରଫରୁ କ୍ଷମା ମଗାଯାଇଥିଲା । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଏୟାରଲାଇନ୍ସ କହିଛି, ଆମର ସୋସିଆଲ ମିଡିଆ ଚ୍ୟାନେଲଗୁଡ଼ିକରେ ସମ୍ପ୍ରତି ସେୟାର ହୋଇଥିବା ନେଟୱାର୍କ ମ୍ୟାପରେ ତ୍ରୁଟି ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ । ମାନଚିତ୍ରରେ ଅନ୍ତର୍ଜାତୀୟ ସୀମା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ଥିଲା । ଏହା ନେପାଳ କିମ୍ବା ନେପାଳ ଏୟାରଲାଇନ୍ସର ସରକାରୀ ସ୍ଥିତିକୁ ପ୍ରତିଫଳିତ କରେ ନାହିଁ । ଏହି ମାମଲାର ଆନ୍ତରିକ ଯାଞ୍ଚ ପାଇଁ ଆଦେଶ ଦିଆଯାଇଛି ।

ନେପାଳରେ କ୍ଷମତାକୁ ଆସିବା ପରଠାରୁ ବାଲେନ ଶାହ ସରକାର ଭାରତ ବିରୋଧୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରଥମେ ବାଲେନ ସରକାର ଭାରତରୁ ୧୦୦ ନେପାଳୀ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ବାଧ୍ୟତାମୂଳକ ସୀମା ଶୁଳ୍କ ୫୦-୮୦% ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ ।

## କେମିକାଲ କମ୍ପାନୀରୁ ଗ୍ୟାସ୍ ଲିକ୍, ୨୪ ଜଣ ହସପିଟାଲରେ ଭର୍ତ୍ତି



ପୁଣେ : ମହାରାଷ୍ଟ୍ରର ପୁଣେ ଗଙ୍ଗାଧାମରେ ଥିବା ଏକ କେମିକାଲ କମ୍ପାନୀରେ ଅଘଟଣ । ଏଠାରେ ବନ୍ଦ ରହିଥିବା ପ୍ଲାଣ୍ଟରୁ କ୍ଲୋରିନ୍ ଗ୍ୟାସ୍ ଲିକ୍ । ଫଳରେ ଶ୍ୱାସକ୍ରିୟାରେ ଅସୁବିଧା ହେବାରୁ ଅଗ୍ନିଶମବାହିନୀଙ୍କ ସମେତ ୨୪ ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଅଗ୍ନିଶମ ଅଧିକାରୀଙ୍କ ଅନୁଯାୟୀ, କୋନ୍ଧୱା ଜିଲ୍ଲାର ଗଙ୍ଗାଧାମ ଅଞ୍ଚଳରେ ଥିବା ଏକ ଅଚଳ ଜଳ ବିଶୋଧନ ପ୍ଲାଣ୍ଟର ଏକ ଗୋଦାମରୁ ଏହି ଲିକ୍ ହୋଇଥିଲା । ରାତି ପ୍ରାୟ ୧ଟା ସମୟରେ ଏକ ପୁରୁଣା କ୍ଲୋରିନ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହେବା ଆରମ୍ଭ ହୋଇ ଗ୍ୟାସ୍ ଚାରିଆଡେ ବ୍ୟାପି ଯାଇଥିଲା । ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ଶ୍ୱାସକ୍ରିୟାରେ ଅସୁବିଧା ହୋଇଥିଲା, ତେଣୁ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ସୂଚନା ପାଇବା ମାତ୍ରେ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଆଖପାଖରେ ଥିବା ଅନେକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା । ସୁରକ୍ଷା ଉପକରଣ ବ୍ୟବହାର କରି ଅଗ୍ନିଶମ କର୍ମଚାରୀମାନେ ଲିକ୍ ହେଉଥିବା ଟାଙ୍କିକୁ ସିଲ୍ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଏହି ସମୟରେ ଜଣେ ଅଗ୍ନିଶମ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା । ଘଟଣା ସମୟରେ ଅନେକ ଲୋକ ଅସୁସ୍ଥ ହୋଇପଡ଼ିଥିଲେ । ଏମାନଙ୍କ ଭିତରେ ୬ ଜଣ ପିଲା ରହିଛନ୍ତି । ଶ୍ୱାସକ୍ରିୟାରେ ଅସୁବିଧା ଅନୁଭବ କରିବା ପରେ ମୋଟ ୨୨ ଜଣ ସ୍ଥାନୀୟ ବାସିନ୍ଦା ଏବଂ ଦୁଇ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା । ହସପିଟାଲରେ ସେମାନଙ୍କର ଚିକିତ୍ସା ଚାଲିଛି ।

## ମଝି ରାସ୍ତାରେ କାରରେ ଲାଗିଲା ନିଆଁ, ୫ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ : ଅଲବର ଜିଲ୍ଲାର ଲକ୍ଷ୍ମଣଗଢ ଥାନା ନିକଟରେ ଥିବା ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେରେ ବଡ଼ ଦୁର୍ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତିରେ ଚଳନ୍ତା କାରରେ ନିଆଁ ଲାଗିଯିବାରୁ ୫ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି । ସୂଚନା ପାଇ ଘଏଇଓ ପାଟ୍ରୋଲିଂ ଦଳ, ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏଥିସହ ନିଆଁକୁ ଆୟତ୍ତ କରିବାକୁ ମଧ୍ୟ ଅଗ୍ନିଶମ ବାହିନୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ସୂଚନାନୁଯାୟୀ, ରାତି ପ୍ରାୟ ୧ଟା ସମୟରେ ଦିଲ୍ଲୀରୁ କୋଟା ଯାଉଥିବା ଏକ କାରରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେର ମୌଜପୁର ନିକଟରେ ହଠାତ୍ ନିଆଁ ଲାଗିଯାଇଥିଲା । ନିଆଁ ଏତେ ଜୋରରେ ଜଳୁଥିଲା ଯେ ତୁରନ୍ତ କାରଟିକୁ ସମ୍ପୂର୍ଣ୍ଣ ଜାଳିଦେଇଥିଲା । କାରରେ ଥିବା ୩ ଜଣ ମହିଳା, ଜଣେ ଝିଅ ଏବଂ ଜଣେ ପୁରୁଷ ସମେତ ୫ ଜଣ ଜୀବନ୍ତ ଦଗ୍ଧ ହୋଇଗଲେ । ସେହି ୫ ଜଣ ମଧ୍ୟପ୍ରଦେଶର ଶେଓପୁରର ବାସିନ୍ଦା ବୋଲି ଜଣାପଡିଛି । କିନ୍ତୁ ଡ୍ରାଇଭର ଜଣକ ଗାଡିରୁ ହଠାତ୍ ଡେଇଁ ପଡିଥିବାରୁ ତାଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଥିଲେ । ହେଲେ ସେ ୮୦% ପୋଡି ହୋଇଯାଇଥିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ଅଲୱାରକୁ ପଠାଯାଇଥିଲା ।

## ବେଙ୍ଗାଲୁରୁରେ ବର୍ଷାର ତାଣ୍ଡବ : କାନ୍ଥ ଭୁଶୁଡି ୭ ମୃତ, ପୀଡିତ ପରିବାରକୁ କ୍ଷତିପୂରଣ ଘୋଷଣା

ବେଙ୍ଗାଲୁରୁ : କର୍ଣ୍ଣାଟକ ବେଙ୍ଗାଲୁରୁ ସହରରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ୭ ଜଣଙ୍କ ଜୀବନ ଚାଲିଯାଇଛି । ପ୍ରବଳ ବର୍ଷା ଯୋଗୁଁ ହସପିଟାଲର ପୁରୁଣା କାନ୍ଥ ନିକଟରେ ବାଟରେ ଯାଉଥିବା ଲୋକମାନେ ଆଶ୍ରୟ ନେଇଥିଲେ । କିନ୍ତୁ ପ୍ରବଳ ବର୍ଷା କାନ୍ଥ ଭୁଶୁଡି ପଡିଥିଲା । ଘଟଣା ପରେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ପ୍ରତ୍ୟେକ ପୀଡିତ ପରିବାରକୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି । ଖବର ମୁତାବକ, ସହରର କିଛି ସ୍ଥାନରେ ଗତକାଲି ରାତିରେ ପ୍ରବଳ ବର୍ଷା ହୋଇଥିଲା । ବର୍ଷା ଯୋଗୁଁ ବୋରିଂ ଏବଂ ଲେଡି କର୍ଜନ ହସପିଟାଲର କାନ୍ଥ ଭୁଶୁଡିପଡିଥିଲା । ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ପ୍ରତ୍ୟେକ ପୀଡିତ ପରିବାରକୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କରିଛନ୍ତି । ସମସ୍ତ ମୃତକ ଫୁଟପାଥରେ ଠେଲାରେ ବେପାର କରୁଥିଲେ । କାନ୍ଥ ଭୁଶୁଡିବା ଯୋଗୁଁ ରାସ୍ତାରେ ଯାଉଥିବା ଲୋକ ଫସିଯାଇଥିଲେ । ଘଟଣା ପରେ ମୁଖ୍ୟମନ୍ତ୍ରୀ ହସପିଟାଲରେ ଭର୍ତ୍ତି ହୋଇଥିବା ଲୋକଙ୍କୁ ସାକ୍ଷାତ କରିବାକୁ ଆସିଥିଲେ । ଘଟଣା ପରେ ସ୍ଥାନୀ ଲୋକ ଏବଂ ଆଖପାଖର ଲୋକ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । କିଛି ଲୋକଙ୍କୁ କାନ୍ଥ ତଳୁ ବାହାର କରିବାରେ ସକ୍ଷମ ହୋଇଥିଲେ । ଏହାପରେ ଜରୁରୀକାଳୀନ ଟିମକୁ ଆଲର୍ଟ କରାଯାଇ ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ପୋଲିସ କମିଶନର ସମେତ ସିନିଅର ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିଥିଲେ ।

## ଆମେରିକା-ଇସ୍ରାଏଲ୍ ପାଇଁ 'ହାର୍ଟ ଆଟାକ୍' ଅସ୍ତ୍ର ପ୍ରସ୍ତୁତ

ୱାସିଂଟନ/ତେହେରାନ: ମଧ୍ୟପ୍ରାଚ୍ୟରେ ସଙ୍କଟ ଆଗକୁ ଭୟାନକ ମୋଡ଼ ନେବାକୁ ଯାଉଛି। ଇରାନର ନୌସେନା କମାଣ୍ଡର ଶାହରାମ ଇରାନୀ ଏକ ନୂତନ ଗୁପ୍ତ ଅସ୍ତ୍ର ବିଷୟରେ ଚେତାବନୀ ଦେଇଛନ୍ତି, ଯାହା ଆମେରିକା ଏବଂ ଇସ୍ରାଏଲ୍ ସୈନ୍ୟବାହିନୀ ପାଇଁ 'ହାର୍ଟ ଆଟାକ୍' ବା ହୃଦଘାତର କାରଣ ସାଜିବ ବୋଲି ସେ ଦାବି କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ଏହି ଧମକ ଆସିଛି, ଯାହା ଦ୍ୱାରା ଅଞ୍ଚଳରେ ଯୁଦ୍ଧ ପରିସ୍ଥିତି ଅଧିକ ଜଟିଳ ହୋଇଛି। କମାଣ୍ଡର ଇରାନୀ କହିଛନ୍ତି ଯେ ଏହି ନୂତନ ଅସ୍ତ୍ରଟି ଶତ୍ରୁର ଅତି ନିକଟରେ ଅଛି ଏବଂ ଏହା ସେମାନଙ୍କ ମନରେ ପ୍ରବଳ ଭୟ ସୃଷ୍ଟି କରିବ। ସେ ଦାବି କରିଛନ୍ତି ଯେ ଗତମାସରେ ଆମେରିକାର ଶକ୍ତିଶାଳୀ ବିମାନବାହୀ ଜାହାଜ 'ଆବ୍ରାହମ ଲିଙ୍କନ' ଉପରେ ୪ଟି କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା ଏବଂ ଏଥିରେ ଜାହାଜର ବ୍ୟାପକ କ୍ଷତି ଘଟିଛି। ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ଓ ଇସ୍ରାଏଲର ସମ୍ବେଦନଶୀଳ ସାମରିକ ଘାଟିଗୁଡ଼ିକ ଉପରେ ଇରାନ ୧୦୦ରୁ ଅଧିକ ପର୍ଯ୍ୟାୟରେ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ କରି ନିଜ ଶକ୍ତିର ପ୍ରମାଣ ଦେଇସାରିଛି ବୋଲି ଇରାନୀ କହିଛନ୍ତି।



ସୂଚନଯୋଗ୍ୟ, ଆମେରିକା ନିଜର ଆର୍ଥିକ ଓ ସାମରିକ ଅବରୋଧ ହଟାଇଲେ ଇରାନ ହର୍ମୁଜ ପ୍ରଣାଳୀ ଖୋଲିବ ବୋଲି ଦେଇଥିବା ପ୍ରସ୍ତାବକୁ ଟ୍ରମ୍ପ ରଦ୍ଦ କରିଛନ୍ତି। ଟ୍ରମ୍ପ ଏହି ପ୍ରସଙ୍ଗରେ କହିଛନ୍ତି ଯେ, ଏହି ପ୍ରସ୍ତାବ କେବଳ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ହେବାକୁ ଥିବା ଆଲୋଚନାକୁ ବିଳମ୍ବ କରିବା ପାଇଁ ଏକ ଚାଲ୍। ସେ ସ୍ପଷ୍ଟ କରିଛନ୍ତି ଯେ ଇରାନ କେବେ ବି ପରମାଣୁ ଅସ୍ତ୍ର ରଖିପାରିବ ନାହିଁ।

ଆମେରିକା ଏବଂ ସହଯୋଗୀ ଦେଶଗୁଡିକର କ୍ରମାଗତ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଇରାନର ପାରମ୍ପରିକ ସାମରିକ ଶକ୍ତି ନିଶ୍ଚିହ୍ନ ହୋଇଯାଇଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ତେହେରାନର ନୌସେନା ଏବଂ ବାୟୁସେନାର ଭିତ୍ତିଭୂମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦର୍ଶାଇ ସେ କହିଛନ୍ତି ଯେ ଇରାନ ଏବେ ଆଉ ସାମରିକ ଶକ୍ତି ପ୍ରଦର୍ଶନ କରିବା ସ୍ଥିତିରେ ନାହିଁ।

## ଭୂକମ୍ପ ଝଟକାରେ ଥରିଲା ଲେହ, ତୀବ୍ରତା ୪.୧

ଲଦାଖ : ଭାରତର ଏକ ସ୍ଥାନରେ ପୁଣି ଭୂକମ୍ପ ଝଟକା । ଯାହାର ତୀବ୍ରତା ୪.୧ ରେକର୍ଡ କରାଯାଇଛି । ଏହି ଭୂକମ୍ପ ଆଜି ଭୋର ପ୍ରାୟ ୩ଟା ୫୪ ମିନିଟରେ ଲଦାଖ ଲେହରେ ଅନୁଭୂତ ହୋଇଛି । ଫଳରେ ଲୋକମାନେ ଭୟରେ ଘରୁ ବାହାରି ପଳାଇଥିଲେ । ଭୂକମ୍ପର କେନ୍ଦ୍ରସ୍ଥଳ ୧୫୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିବା ଘଉଝ ପକ୍ଷରୁ ସୂଚନା ମିଳୁଛି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ । ସୂଚନାଯୋଗ୍ୟ, କିଛି ଦିନ ତଳେ ରାଜସ୍ଥାନରେ ୩.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ୩ କିଲୋମିଟର ଗଭୀରତାରେ ଥିଲା ।

# ବଡ ସ୍କୋର କରି ବି ଜିତିପାରିଲାନି ମୁମ୍ବାଇ

## ୬ ୱିକେଟ୍‌ରେ ଜିତିଲା ହାଇଦ୍ରାବାଦ
## ପଏଣ୍ଟ ଟେବୁଲରେ ମିଳିଲା ତୃତୀୟ ସ୍ଥାନ
## ମୁମ୍ବାଇ ୨୪୩/୫, ହାଇଦ୍ରାବାଦ ୨୪୯/୪





ମୁମ୍ବାଇ,୩୦।୪: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୧ ତମ ମ୍ୟାଚ୍‌ରେ ମୁମ୍ବାଇକୁ ହାଇଦ୍ରାବାଦ ପରାସ୍ତ କରିଛି। ମୁମ୍ବାଇ ଇଣ୍ଡିଆନ୍‌ସ ପକ୍ଷରୁ ମିଳିଥିବା ୨୪୪ ଲକ୍ଷ୍ୟ ନେଇ ସନରାଇଜର୍ସ ହାଇଦ୍ରାବାଦ୍ ବ୍ୟାଟିଂ କରିଥିଲା। ହାଇଦ୍ରାବାଦ ୧୮.୪ ଓଭରରେ ୪ ୱିକେଟ ହରାଇ ୨୪୯ ରନ୍ ସଂଗ୍ରହ କରିଛି। ହେନରିକ କ୍ଲାସେଁ ଏବଂ ସଲିଲ ଅରୋରାଙ୍କ ଲଢୁଆ ବ୍ୟାଟିଂ ହାଇଦ୍ରାବାଦକୁ ବିଜୟ ଦେଇଛି। ଏହି ବିଜୟ ସହିତ ହାଇଦ୍ରାବାଦ ଚଳିତ ଆଇପିଏଲର ପଏଣ୍ଟ ଟେବୁଲରେ ୩ୟ ସ୍ଥାନ ଦଖଲ କରିଛି। ପୂର୍ବରୁ ତୃତୀୟ ସ୍ଥାନରେ ଥିବା ରାଜସ୍ଥାନ ଚତୁର୍ଥ ସ୍ଥାନକୁ ଖସିଥିବା ବେଳେ ପଞ୍ଜାବ ଏବଂ ବେଙ୍ଗାଲୁରୁ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

ଅଭିଷେକ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ଇନିଂସ ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୧୨୯ ରନ୍‌ର ଭାଗିଦାରୀ କରିଥିଲେ। ଏଥିରେ ଅଭିଷେକଙ୍କ ବ୍ୟକ୍ତିଗତ ସ୍କୋର ୪୫ ରନ୍ ଥିଲା, ଯିଏ କି ୨୪ଟି ବଲ୍ ଖେଳି ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ଅଭିଷେକ ଆଉଟ ହେଲା ପରେ ପଡିଆକୁ ଇଶାନ କିଶନ ପ୍ରବେଶ କରିଥିଲେ। ସେ ଗୋଟିଏ ବଲ୍ ସାମ୍ନା କରିଥିଲେ ଏବଂ ଖାତା ଖୋଲି ନପାରି ଆଉଟ୍ ହୋଇଥିଲେ। ଯୁବ ବ୍ୟାଟର ନୀତିଶ କୁମାର ରେଡ୍ଡୀ ୨୧ ରନ୍ କରିଥିଲେ। ହେନ୍‌ରିକ୍ କ୍ଲାସେଁ ଅପରାଜିତ ୬୫ ରନ୍ ଏବଂ ସଲିଲ ଅରୋରା ଅପରାଜିତ ୩୦ ରନ୍ କରିଥିଲେ।

ୱାଙ୍ଖଡେ ଷ୍ଟାଡିୟମରେ ଟସ୍ ଜିଣି ଆୟୋଜକ ମୁମ୍ବାଇ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ ହରାଇ ୨୪୩ ରନ୍ ସଂଗ୍ରହ କରଥିଲା। ମୁମ୍ବାଇ ପାଇଁ ୱିଲ୍ ଜାକ୍ସ ଏବଂ ରେୟାନ ରିକେଲ୍ଟନ ବ୍ୟାଟିଂ ଆରମ୍ଭ କରିଥିଲେ। ଉଭୟ ଖେଳାଳି ଏକ ଭଲ ଆରମ୍ଭ କରିଥିଲେ। ଦଳୀୟ ସ୍କୋରକୁ ପ୍ରଥମ ୱିକେଟରେ ୯୩ ରନ୍‌ରେ ପହଞ୍ଚାଇଥିଲେ। ଏଥିରୁ ଜ୍ୟାକ୍‌ଙ୍କ ବ୍ୟକ୍ତିଗତ ସ୍କୋର ୪୬ ରନ୍ ଥିଲା, ଯିଏକି ୨୨ଟି ବଲ୍ ଖେଳି ୫ଟି ଚୌକା ଏବଂ ୩ଟି ଛକା ମାରିଥିଲେ।

ମୁମ୍ବାଇର ବଡ ସ୍କୋରରେ ରେୟାନ ରିକେଲ୍ଟନଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ସାମିଲ ଥିଲା। ସେ ଅପରାଜିତ ରହି ୫୫ଟି ବଲ୍ ଖେଳି ୧୨୩ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୧୦ଟି ଚୌକା ଏବଂ ୮ଟି ଛକା ସାମିଲ ରହିଛି। ହାଇଦ୍ରାବାଦର ଦ୍ୱିତୀୟ ଶିକାର ହୋଇଥିଲେ ସୂର୍ଯ୍ୟକୁମାର ଯାଦବ। ଦଳର ସ୍କୋର ୧୧୦ ରନ୍ ଥିଲା ବେଳେ ସେ ୫ରନ୍ କରି ଆଉଟ୍ ହୋଇ ପାଭିଲିଅନ ଫେରିଥିଲେ। ମୁମ୍ବାଇ ତୃତୀୟ ୱିକେଟ୍ ଭାବେ ନମନ ଧୀରଙ୍କୁ ହରାଇ ଥିଲା। ନମନ ୧୭ଟି ବଲ୍ ସାମ୍ନା କରିଥିଲେ ଏବଂ ୩ଟି ଚୌକା ବଳରେ ୨୨ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ବଳରେ ୩୧ ରନ୍ ସଂଗ୍ରହ କରିଥିଲେ।

## ବିଶ୍ୱ ଟିଟି: ୟୁକ୍ରେନକୁ ହରାଇଲା ଭାରତ



ଲଣ୍ଡନ,୩୦।୪(ଏଜେନ୍ସି): ଇଂଲଣ୍ଡର ଲଣ୍ଡନଠାରେ ଚାଲିଥିବା ଆଇଟିଟିଏଫ୍ ବିଶ୍ୱ ଦଳଗତ ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ଭାରତ ରୋମାଞ୍ଚକ ଢଙ୍ଗରେ ୟୁକ୍ରେନ୍‌କୁ ୩-୨ରେ ପରାସ୍ତ କରିଛି। ତା' ସହିତ ଗ୍ରୁପ୍-୬ରେ ନିଜ ସ୍ଥିତିକୁ ପୂର୍ବାପେକ୍ଷା ଆହୁରି ସୁଦୃ କରି ନେଇଛି। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ଅଭିଜ୍ଞ ମନିକା ବାତ୍ରା ପ୍ରତିପକ୍ଷ ତେତୟାନା ବିଲେଙ୍କାଙ୍କୁ ୧୧-୯, ୭-୧୧, ୧୧-୬, ୧୧-୫ରେ ହରାଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ୟୁକ୍‌ରେନ୍‌ର ମାର୍ଗାରିଟା ପେସୋତ୍‌ସ୍କା ଭାରତର ଯଶସ୍ୱିନୀ ଘୋରପଡଙ୍କୁ ହରାଇ ସ୍ଥିତି ୧-୧ କରି ନେଇଥିଲେ। ସେହିଭଳି ଦିୟା ଚିତାଲେ ତୃତୀୟ ମ୍ୟାଚ୍‌ରେ ଭେରୋନିକା ମାତିୟୁନାଙ୍କୁ ହରାଇ ଭାରତକୁ ପୁଣି ଥରେ ୨-୧ରେ ଆଗୁଆ କରି ଦେଇଥିଲେ। ହେଲେ ମନିକା ଦୁର୍ଭାଗ୍ୟଜନକ ଚତୁର୍ଥ ମୁକାବିଲାରେ ଭାବେ ମାର୍ଗାରିଟାଙ୍କଠାରୁ ହାରି ଯାଇଥିଲେ। ଏଣୁ ସ୍ଥିତି ୨-୨ରେ ବରାବର ହୋଇଯାଇଥିଲା। ପଞ୍ଚମ ତଥା ନିର୍ଣ୍ଣାୟକ ମୁକାବିଲାରେ ଘୋରପଡ ଅସୀମ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସର ପରିଚୟ ଦେଇ ତେତୟାନାଙ୍କୁ ହରାଇବା ସହ ଭାରତକୁ ବିଜୟୀ କରାଇଥିଲେ।

## ରେକର୍ଡ ଅପେକ୍ଷାରେ ବୈଭବ

ମୁମ୍ବାଇ,୩୦।୪(ଏଜେନ୍ସି): : ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍ ୨୦୨୬ରେ ୪୦୦ ରନ୍ କରିସାରିଛନ୍ତି । ଯାହାକି ୩୫୦ରୁ ଅଧିକ ରନ ଛକା ଏବଂ ଚୌକାରୁ ଆସିଛି। ଚଳିତ ସିଜନରେ, ସେ ୩୪ଚୌକା ଏବଂ ୩୭ଛକା (୩୫୮ରନ) ମାରିଛନ୍ତି, ଯେତେବେଳେ ସିଙ୍ଗଲ୍ସ ଏବଂ ଡବଲ୍ସରୁ ମାତ୍ର ୪୨ ରନ କରିଛନ୍ତି । ଏବେ ସେ ଗୋଟିଏ ଛକା ମାରି କିରନ ପୋଲାର୍ଡ଼ଙ୍କ ବିଶ୍ୱ ରେକର୍ଡ଼ ଭାଙ୍ଗି ପାରିବେ । ବୈଭବ ସୂର୍ଯ୍ୟବଂଶୀ ଟି-୨୦ର ୨୭ଇନିଂସରେ ୧୧୦୧ ରନ କରିଛନ୍ତି । ଯେଉଁଥିରେ ୪ ଶତକ ଏବଂ ୩ ଅର୍ଦ୍ଧଶତକ ସାମିଲ ରହିଛି । ସେ ଟି-୨୦ରେ ଏ ପର୍ଯ୍ୟନ୍ତ ୯୯ଟି ଛକା ମାରିଛନ୍ତି । ସେ ନିଜ ୧୦୦ ଟି-୨୦ ଛକା ହାସଲ କରିବା ପାଇଁ ଗୋଟିଏ ହିଟ୍ ଦୂରରେ ଅଛନ୍ତି। ସେ ଖୁବଶୀଘ୍ର ଏହି ମାଇଲଖୁଣ୍ଟରେ ପହଞ୍ଚିବେ। ବର୍ତ୍ତମାନ ଟି-୨୦ରେ ସବୁଠାରୁ ଦ୍ରୁତତମ ୧୦୦ଟି ଛକା ଲଗାଇଥିବା ବ୍ୟାଟର ହେଉଛନ୍ତି କିରନ ପୋଲାର୍ଡ଼ । କିନ୍ତୁ ବୈଭବ ତାଙ୍କ ରେକର୍ଡ ଭାଙ୍ଗିବା ନିକଟରେ ଅଛନ୍ତି। ପୋଲାର୍ଡ ଟି-୨୦ରେ ୮୪୩ବଲରେ ୧୦୦ଛକା ମାରିବାରେ ରେକର୍ଡ଼ କରିଥିଲେ । ଯାହା ବଲର ଆଧାରରେ ସବୁଠାରୁ ଦ୍ରୁତ ଅଟେ । ବୈଭବ ୫୧୧ବଲରେ ୯୯ଛକା ଲଗାଇ ସାରିଛନ୍ତି । ଫଳରେ ତାଙ୍କ ପାଖରେ ଏବେ ୩୦୦ରୁ ଅଧିକ ବଲ୍ ଅଛି ଏବଂ କେବଳ ଗୋଟିଏ ଛକା ମାରିବାରେ ଅଛି । ଏହି ରେକର୍ଡ଼ ଭାଙ୍ଗିବା ନିଶ୍ଚିତ । ଏବେ ଦେଖିବାକୁ ହେବ କି ପୋଲାର୍ଡ଼ଙ୍କ ଏହି ବିଶ୍ୱ ରେକର୍ଡ଼ କେଉଁମ୍ୟାଚ୍‌ରେ ଭାଙ୍ଗୁଛି । ରାଜସ୍ଥାନର ଆଗାମୀ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍ସ ସହ ୧ ମଇରେ ଅଛି ।

### ଥମାସ୍ କପ୍

## ଲଢେଇ କରି ଚୀନଠାରୁ ୩-୨ରେ ହାରିଲା ଭାରତ



ହର୍ସନ୍ସ,୩୦।୪: ଲଢୁଆ ଖେଳ ପ୍ରଦର୍ଶନ ସତ୍ତ୍ୱେ ଥମାସ୍ କପ୍‌ର ଚୂଡ଼ାନ୍ତ ଗ୍ରୁପ୍ ପର୍ଯ୍ୟାୟ ମୁକାବିଲାରେ ଚୀନଠାରୁ ୩-୨ରେ ହାରିଯାଇଛି ଭାରତ। ଲକ୍ଷ୍ୟ ସେନ୍ ୧୯-୨୧,୨୧-୮, ୧୨-୨୧ରେ ଲି' ସି ଫେଙ୍ଗ୍‌ଙ୍କଠାରୁ ପରାଜିତ ହୋଇଥିବାବେଳେ ବିଶ୍ୱର ନଂ୪ ଯୋଡ଼ି ସାତ୍ୱିକ୍ ସାଇସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ୧୩-୨୧, ୨୧-୧୩, ୨୪-୨୬ରେ ପ୍ୟାରିସ୍ ଅଲିମ୍ପିକ୍ସ ରୌପ୍ୟ ବିଜେତା ଲିଆଙ୍ଗ୍ ୱେଇ କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍‌ଙ୍କଠାରୁ ହାରିଯାଇଛନ୍ତି।

ତେବେ ଆୟୁଷ ସେଟ୍ଟୀ ତୃତୀୟ ମୁକାବିଲାରେ ୱେଙ୍ଗ୍ ହଙ୍ଗ୍ ୟାଙ୍ଗ୍‌ଙ୍କୁ ପରାସ୍ତ କରି ସ୍ଥିତିକୁ ୨-୧କୁ ଆଣିଥିଲେ। ୟାଙ୍ଗ୍‌ଙ୍କ ବିପକ୍ଷରେ ପ୍ରଥମ ସେଟ୍‌କୁ ୧୭-୨୧ରେ ହାରିଯିବା ପରେ ବି ସେ ଜୋର୍‌ଦାର୍ ପ୍ରତ୍ୟାବର୍ତ୍ତନ କରି ଅବଶିଷ୍ଟ ଦୁଇ ସେଟ୍‌କୁ ୨୧-୧୩,୨୧-୧୫ରେ ଜିତି ନେଇଥିଲେ। ଅନ୍ୟପକ୍ଷରେ ଚତୁର୍ଥ ମୁକାବିଲାରେ ଭାରତୀୟ ଯୋଡ଼ି ଏମଆର୍ ଅର୍ଜୁନ ଓ ହରିହରନ୍ ଅମସାକରୁନନ୍ ୧୭-୨୧, ୧୩-୨୧ରେ ଚୀନ ପ୍ରତିପକ୍ଷ ହେ ଜିଟିଙ୍ଗ୍ ଓ ରେନ୍ ସିଆଙ୍ଗ ୟୁଙ୍ଗ୍‌ଠାରୁ ପରାଜିତ ହୋଇଥିଲେ। ଶେଷ ମ୍ୟାଚ୍‌ରେ ଏନ୍ଏସ୍ ପ୍ରଣୟ ୨୦-୨୨, ୨୧-୧୯, ୨୧-୧୧ରେ ଚୀନର ଲୁ ଗୁଆଙ୍ଗ୍‌ଜୁଙ୍କୁ ପରାସ୍ତ କରି ପରାଜୟ ବ୍ୟବଧାନକୁ ୨-୩ କରିଥିଲେ।

## ପାକ୍ ସାମ୍ବାଦିକଙ୍କ ବିତଣ୍ଡା ଯୁକ୍ତି; ବୈଭବଙ୍କ ବ୍ୟାଟ୍‌ରେ ଅଛି ଏଆଇ ଚିପ୍

ଲାହୋର: ପାକିସ୍ତନର ଜଣେ କ୍ରୀଡା ସାମ୍ବାଦିକ, ଟେଲିଭିଜନ୍ ଉପସ୍ଥାପକ ତଥା କ୍ରିକେଟ୍ ବିଶେଷଜ୍ଞ ଭାରତୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ହାସ୍ୟାସ୍ପଦ କଥା କହିଛନ୍ତି। ବୈଭବ ମାତ୍ର ୧୫ବର୍ଷ ବୟସରେ ଯଶପ୍ରୀତ୍ ବୁମ୍‌ରା, ଜୋସ୍ ହାଜେଲଉଡ୍ ଓ ପ୍ୟାଟ୍ କମିନ୍ସଙ୍କ ଭଳି ବୋଲରଙ୍କୁ ନିର୍ଘୁମ ଧୂଳେଇ କରୁଥିବାରୁ ତାଙ୍କ ବ୍ୟାଟ୍‌ରେ ନିଶ୍ଚିତ ଏଆଇ ଚିପ୍ ରହିଛି ବୋଲି ନେମାନ ନିଆଜ୍ ନାମକ ଏହି କ୍ରୀଡା ବ୍ୟକ୍ତିତ୍ୱ ଦାବି କରିଛନ୍ତି।



ବୈଭବଙ୍କ ବ୍ୟାଟ୍‌ର ବୈଜ୍ଞାନିକ ଉପାୟରେ ପରୀକ୍ଷା ନିରୀକ୍ଷା କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ଏକ ଟେଲିଭିଜନ୍ କାର୍ଯ୍ୟକ୍ରମର ଉପସ୍ଥାପନା କରୁଥିଲା ବେଳେ ନିଆଜ କହିଥିଲେ, ୱାଡା (ବିଶ୍ୱ ଡୋପିଂ ନିରୋଧୀ ସଂସ୍ଥାନ) ଡୋପ୍ ଟେଷ୍ଟ କଲା ଭଳି ବୈଭବଙ୍କ ବ୍ୟାଟ୍‌କୁ ପରୀକ୍ଷାଗାର ନେଇ ଯାଞ୍ଚ କରାଯିବା ଦରକାର। ସମ୍ଭବତଃ ସେ ତାଙ୍କ ବ୍ୟାଟ୍‌ରେ ଏଆଇ ଚିପ୍ ଖଞ୍ଜିଛନ୍ତି। ସେ ଅସାଧାରଣ, ଆଶ୍ଚର୍ଯ୍ୟଜନକ ଖେଳାଳି। ନିଜ କଥାକୁ ପ୍ରମାଣିତ କରିବାକୁ ଯାଇ ନିଆଜ ଆହୁରି କହିଛନ୍ତି ଯେ ୧୮ବର୍ଷ ବୟସ ପୂର୍ବରୁ ଏମିତି କ୍ରିକେଟ୍ ଖେଳିବା ଅସମ୍ଭବ।

କୋହଲି ଯେତେବେଳେ ବିଶ୍ୱବିଜେତା ହେଲେ ସେତେବେଳେ ସେ (ବୈଭବ) ଜନ୍ମଗ୍ରହଣ କରିଛନ୍ତି। ଏଣୁ ତାଙ୍କ ପାଖରେ ବ୍ୟାଟ୍ ଚାଳନାର ଏଭଳି ଶକ୍ତି ଓ କୌଶଳ ରହିବା ଏକ ରହସ୍ୟ। ନିଆଜ୍ ଏଭଳି ମନ୍ତବ୍ୟ ଦେବା ପରେ କ୍ରିକେଟ୍ ଦୁନିଆରେ ଥଟ୍ଟା ମଜାର ମାତ୍ର ହୋଇଛନ୍ତି। ରାଜସ୍ଥାନ ରୟାଲ୍‌ସ ପକ୍ଷରୁ ପ୍ରକାଶ କରାଯାଇଥିବା ଏକ ଭିଡିଓରେ ବୈଭବ ନିଜେ ମଧ୍ୟ ଏଭଳି ଅଭିଯୋଗ ନେଇ ଉତ୍ତର ରଖୁଥିବା ଦେଖିବାକୁ ମିଳୁଛି। ସେ କହିଛନ୍ତି, "ହଁ ଭଗବାନ ସେହି ଚିପ୍ ଲଗାଇ ଦେଇଛନ୍ତି। ତୁମ ବ୍ୟାଟ୍‌ରେ କିଛି ଲଗାଉଛି ବୋଲି ମୋତେ ଉପରେ ହିଁ କହି ଦେଇଥିଲେ ଈଶ୍ୱର । ମୁଁ ଏବେ ତାରି ଉପଯୋଗ ହିଁ କରୁଛି''।

ବୈଭବଙ୍କୁ ନେଇ ନିଆଜ କହିଥିବା କଥା ପଦାକୁ ଆସିବା ପର ଆଇସ୍‌ଲାଣ୍ଡ କ୍ରିକେଟ୍ ତାଙ୍କୁ ଭୀଷଣ ଟ୍ରୋଲ୍ କରିଛି। ନିଜ ମଜାଳିଆ ସାମାଜିକ ଗଣମାଧ୍ୟମ ପୋଷ୍ଟ ପାଇଁ ସବୁବେଳେ ଚର୍ଚ୍ଚାରେ ରହୁଥିବା ଏହି କ୍ରିକେଟ୍ ବୋର୍ଡ କହିଛି ବୈଭବଙ୍କ ବ୍ୟାଟ୍‌ରେ ଥିବା ଚିପ୍‌ର ବୈଷୟିକ କୌଶଳ ଏହି ଗ୍ରହର ନୁହେଁ। ଏହି ଚିପ୍ କେଉଁଠାରେ ମିଳୁଛି, ଜାଣିଲେ ଆମେ ମଧ୍ୟ ଆମ ବ୍ୟାଟରଙ୍କ ପାଇଁ ଆଣିବାକୁ ଚାହିବୁ। ସମ୍ଭବତଃ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର୍ ରିକି ପଣ୍ଟିଂଙ୍କ ବ୍ୟାଟ୍‌ରେ ଲାଗିଥିବା ସ୍ପ୍ରିଙ୍ଗ୍ ଯେଉଁଠୁ ଆସିଥିଲା ଏହି ଚିପ୍ ସେହିଠାରୁ ଆସିଛି। ସୂଚନାଯୋଗ୍ୟ ଯେ ନିଜ ସମୟରେ ପଣ୍ଟିଂ ଜଣେ ଶ୍ରେଷ୍ଠ ବ୍ୟାଟର୍ ଥିଲେ। ଲମ୍ବା ପାଳି ଖେଳି ସମସ୍ତଙ୍କୁ ଚକିତ କରି ଦେଉଥିଲେ। ସେଥିପାଇଁ ସମାଲୋଚକମାନେ ତାଙ୍କ ବ୍ୟାଟ୍‌ରେ ସ୍ପ୍ରିଙ୍ଗ୍ ଲାଗୁଛି ବୋଲି କହୁଥିଲେ।

## ଗୋଟିଏ ଓଭରରେ ୬ ୱିକେଟ୍

ନୂଆଦିଲ୍ଲୀ,୩୦।୪ : ଇଂଲଣ୍ଡର କାଉଣ୍ଟି କ୍ରିକେଟ୍‌ରେ ଏକ ଚମତ୍କାର କରି ଦେଖାଇଛନ୍ତି ମାଇଲେସ୍ ଡେଭିସ୍ । ସେ ଗୋଟିଏ ଓଭରରେ ଛ'ଟି ୱିକେଟ୍ ନେଇ କ୍ରିକେଟ୍ ଇତିହାସରେ ଏକ ବିରଳ ସଫଳତା ହାସଲ କରିଛନ୍ତି । ଗତ ସପ୍ତାହରେ ଷ୍ଟାଫୋର୍ଡସାୟାର କାଉଣ୍ଟି ଲିଗ୍‌ରେ ପେନ୍‌କ୍ରିଜ୍ କ୍ରିକେଟ୍ କ୍ଲବ ତରଫରୁ ପେଲ୍‌ସାଲ୍ କ୍ଲବ ବିପକ୍ଷରେ ଖେଳି ସେ ଏହି ଡବଲ୍ ହାଟ୍ରିକ୍ ହାସଲ କରିଛନ୍ତି । ପ୍ରଥମେ ବ୍ୟାଟିଂ କରିଥିବା ପେନ୍‌କ୍ରିଜ୍ ୧୬୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଏହାର ଜବାବରେ ପେଲ୍‌ସଲ୍ ୨ ୱିକେଟ୍ ହରାଇ ୪୯ ରନ୍ କରି ବିଜୟ ଆଡ଼କୁ ଗତି କରୁଥିବାବେଳେ ଡେଭିସ୍ ମ୍ୟାଚ୍‌ର ନବମ ଓଭରରେ ଏହି ଚମତ୍କାର କରିଥିଲେ । ବିପକ୍ଷ ଦଳ ଆଉ ମାତ୍ର ୩ ରନ୍ ଯୋଡ଼ି ଅଲ୍‌ଆଉଟ୍ ହୋଇଯାଇଥିଲା । ଏହି ମ୍ୟାଚ୍‌ରେ ଡେଭିସ୍ ୧୬ ରନ୍ ବ୍ୟୟ କରି ୭ଟି ୱିକେଟ୍ ନେଇଥିଲେ । ତେବେ କ୍ରିକେଟ୍‌ରେ ଏହା ଏ ଧରଣର ପ୍ରଥମ ଘଟଣା ନୁହେଁ । ପୂର୍ବରୁ ୨୦୧୭ରେ ଅଷ୍ଟ୍ରେଲୀୟ କ୍ଲବ୍ କ୍ରିକେଟ୍‌ରେ ଆଲେଡ୍ କେରୀ ଏବଂ ଜୁନ ୨୦୨୩ରେ ଇଂଲଣ୍ଡର ୧୨ ବର୍ଷୀୟ ବାଳକ ଅଲିଭର ହ୍ୱାଇଟ୍‌ହାଉସ୍ ଏହି ସଫଳତା ହାସଲ କରିଥିଲେ ।

## ୩୯ ବର୍ଷରେ ହିଟ୍‌ମ୍ୟାନ୍

ନୂଆଦିଲ୍ଲୀ, ୩୦/୦୪; ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କର ଆଜି ଜନ୍ମଦିନ । ବିଶ୍ୱ କ୍ରିକେଟରେ 'ହିଟମ୍ୟାନ' ଭାବରେ ଜଣାଶୁଣା ରୋହିତ ତାଙ୍କର ୩୯ ବର୍ଷରେ ପାଦ ଥାପିଛନ୍ତି । ୧୯୮୭ ମସିହାରେ ଜନ୍ମଗ୍ରହଣ କରିଥିବା ରୋହିତ ଶର୍ମାଙ୍କୁ ଦେଶ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରୁ ଜନ୍ମଦିନର ଶୁଭେଚ୍ଛା ଛୁଟିଛି । ପ୍ରଶଂସକମାନେ ତାଙ୍କ କ୍ରିକେଟ କ୍ୟାରିଅର ଏବଂ ଅବଦାନକୁ ପ୍ରଶଂସା କରୁଛନ୍ତି । ଡାହାଣହାତୀ ବ୍ୟାଟର ଅନ୍ତର୍ଜାତୀୟ କ୍ରିକେଟରେ ଏପରି ରେକର୍ଡ ସ୍ଥାପନ କରିଛନ୍ତି ଯାହାକୁ କୌଣସି ଖେଳାଳି ଭାଙ୍ଗିବା ପ୍ରାୟତଃ ଅସମ୍ଭବ । ରୋହିତଙ୍କ ଜନ୍ମଦିନରେ ଆସନ୍ତୁ ଜାଣିବା ତାଙ୍କର ଅତୁଟ ରେକର୍ଡ ସହ କେଉଁ ରେକର୍ଡସେ କରିପାରିନାହାନ୍ତି ।




'ହିଟମ୍ୟାନ୍' ରୋହିତ- ଏମିତିରେ ରୋହିତଙ୍କୁ ହିଟମ୍ୟାନ୍ ଟ୍ୟାଗ୍ ମିଳିନାହିଁ । ଚାମ୍ପିଅନ୍ସ ଟ୍ରଫି, ଟି-ଟ୍ୱେଣ୍ଟି ବିଶ୍ୱକପ ଅଧିନାୟକ ରୋହିତ ଶର୍ମା ଦିନିକିଆରେ ମୋଟ ୧୧୫୭୭ ରନ୍ କରିଛନ୍ତି । ଟେଷ୍ଟରେ ତାଙ୍କ ଖାତରେ ୪୩୦୧ ରନ୍ ରହିଛି । ଟି-ଟ୍ୱେଣ୍ଟିରେ ୪୨୩୧ ରନ୍ । କ୍ୟାରିୟରରେ ମୋଟ୍ ୫୦ ଥର ଶତକ ମାରିଛନ୍ତି ଯେଉଁଥିରେ ୩ଟି ଦିନିକିଆ ଡବଲ ସେଞ୍ଚୁରୀ ରହିଛି । କ୍ୟାରିୟରରେ ମୋଟ ୨୦୧୦୯ ରନ୍ କରିଛନ୍ତି । ଟେଷ୍ଟ ଏବଂ ଟି-ଟ୍ୱେଣ୍ଟିରୁ ଅବସର ନେଇଥିବା ରୋହିତ ବର୍ତ୍ତମାନ କେବଳ ଦିନିକିଆ ଖେଳୁଛନ୍ତି । ୨୦୨୭ ବିଶ୍ୱକପ ଜିତିବା ତାଙ୍କର ସ୍ୱପ୍ନ । ବର୍ତ୍ତମାନ ଆଇପିଏଲ ଖେଳୁଛନ୍ତି ହିଟମ୍ୟାନ୍ । ତାଙ୍କ ନେତୃତ୍ୱରେ ମୁମ୍ବାଇ ୫ ଥର ଆଇପିଏଲ ଟ୍ରଫି ଜିତିଛି ।

୫ଟି ରେକର୍ଡ ଯାହା ହୁଏତ କେହି ଭାଙ୍ଗିପାରିବେ ନାହିଁ;

୧. ଏକଦିବସୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋରର- ରୋହିତ ଶର୍ମା ୨୦୧୪ ମସିହାରେ ଶ୍ରୀଲଙ୍କା ବିପକ୍ଷରେ ୧୭୩ ବଲ୍‌ରେ ୨୬୪ ରନ୍ କରି ଏକଦିବସୀୟ କ୍ରିକେଟ୍‌ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ଏହି ଇନିଂସରେ ସେ ୪୨ଟି ଚୌକା ମାରିଥିଲେ ।

୨. ଦିନିକିଆର ୩ଟି ଦ୍ୱିଶତକ ହାସଲ କରିଥିବା ବିଶ୍ୱର ଏକମାତ୍ର ବ୍ୟାଟର- ଅନ୍ୟ ଖେଳାଳିମାନେ ଦ୍ୱିଶତକ ପାଇଁ ଆଗ୍ରହୀ ଥିବାବେଳେ, ରୋହିତ ଶର୍ମା ତିନିଥର ଓଡ଼ିଓରେ ୨୦୦ ରନ ଅତିକ୍ରମ କରିଛନ୍ତି । ରୋହିତ ବେଙ୍ଗାଲୁରୁରେ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜିତ ୨୦୯, କୋଲକାତାରେ ଶ୍ରୀଲଙ୍କା ବିପକ୍ଷରେ ୨୬୪ ଏବଂ ମୋହାଲିରେ ଶ୍ରୀଲଙ୍କା ବିପକ୍ଷରେ ୨୦୮ ରନ କରିଥିଲେ ।

୩. ଗୋଟିଏ ବିଶ୍ୱକପରେ ସର୍ବାଧିକ ଶତକ- ରୋହିତ ଶର୍ମା ଆଇସିସି କ୍ରିକେଟ୍ ବିଶ୍ୱକପ୍ ୨୦୧୯ରେ ୯ଟି ଇନିଂସରେ ୫ଟି ଶତକ ମାରିଥିଲେ, ଯାହା ଗୋଟିଏ ସଂସ୍କରଣରେ ଯେକୌଣସି ଖେଳାଳିଙ୍କ ଦ୍ୱାରା ସର୍ବାଧିକ । ଏହା ବ୍ୟତୀତ, ତାଙ୍କ ନାମରେ ଏବେ ୭ଟି ବିଶ୍ୱକପ୍ ଶତକ ଅଛି ।

୪.ଅଧିନାୟକତ୍ୱରେ ୧ ବର୍ଷରେ ୨ଟି ଆଇସିସି ଟ୍ରଫି- ରୋହିତ କେବଳ ଜଣେ ବ୍ୟାଟର ନୁହଁନ୍ତି ବରଂ ଜଣେ ସଫଳ ଅଧିନାୟକ ମଧ୍ୟ । ତାଙ୍କ ନେତୃତ୍ୱରେ ଭାରତ ୨୦୨୪ରେ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଏବଂ ୨୦୨୫ରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା । ୧୨ ମାସ ମଧ୍ୟରେ ଦୁଇଟି ଆଇସିସି ଟାଇଟଲ୍ ଜିତି ସେ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।

୫.ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା- ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା (୬୩୭) ମାରିବାର ରେକର୍ଡ କରିଛନ୍ତି ରୋହିତ ଶର୍ମା । ଏହି ରେକର୍ଡରେ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି । କେବଳ ଛକା ନୁହେଁ, ରୋହିତ ଟି-୨୦ରେ ସର୍ବାଧିକ ରନ୍ ସ୍କୋରର୍ ମଧ୍ୟ । ସେ ଟି-୨୦ରେ ୪୨୩୧ ରନ୍ କରିଛନ୍ତି । ରୋହିତ ବିଶ୍ୱର ଏକମାତ୍ର ବ୍ୟାଟର ଯିଏ ୩ଟି ଫର୍ମାଟରେ ଛକା ସହିତ ଶତକ ମାରିଛନ୍ତି । ତାଙ୍କର ରେକର୍ଡ ଭାଙ୍ଗିଥିବା ୨୬୪ ରନ୍ ମଧ୍ୟରେ, ରୋହିତ ୩୩ଟି ଚୌକା ମାରିଥିଲେ, ଯାହା ଏକ ଦିନିକିଆ ଇନିଂସରେ ସର୍ବାଧିକ ।

## ବିଶ୍ୱକପ୍ ପାଇଁ କଠୋର ନିୟମ ଲାଗୁ

ଜୁରିଖ, ୩୦/୦୪ : ଆସନ୍ତା ଜୁନ ଓ ଜୁଲାଇରେ ହେବାକୁ ଥିବା ଫିଫା ବିଶ୍ୱକପ୍ ପାଇଁ କିଛି କଠୋର ନିୟମ ଲାଗୁ କରାଯାଇଛି । ମ୍ୟାଚ୍ ସମୟରେ କୌଣସି ଖେଳାଳି ଗ୍ରାଉଣ୍ଡ ଭିତରେ ମୁହଁରେ ହାତ ଦେଲେ କିମ୍ବା ଜର୍ସିରେ ପାଟିକୁ ଘୋଡାଇ ପ୍ରତିପକ୍ଷ ଦଳର ଖେଳାଳିଙ୍କୁ କିଛି କହିଲେ ସିଧା ସଳଖ ରେଡ୍ କାର୍ଡ ପାଇ ବିଦା ହେବେ । ଅନ୍ତର୍ଜାତୀୟ ଫୁଟବଲ୍ ଆସୋସିଏସନ ବୋର୍ଡ(ଆଇଏଫଏବି) ପକ୍ଷରୁ କାନାଡାର ଭାଙ୍କୋଭର ଠାରେ ଆୟୋଜିତ ବୈଠକ ଅବସରରେ ଏହି ନିଷ୍ପତ୍ତି ନିଆଯାଇଛି । କେବଳ ସେତିକି ନୁହେଁ, ରେଫରୀଙ୍କ ନିଷ୍ପତ୍ତିର ବିରୋଧ କରି କୌଣସି ଖେଳାଳି ପ୍ରତିବାଦ କଲେ ମଧ୍ୟ ସିଧା ସଳଖ ରେଡ କାର୍ଡ ପାଇବେ ।

ସୂଚନାଯୋଗ୍ୟ, ମରୋକ୍‌କୋ ଓ ସେନେଗାଲ ମଧ୍ୟରେ ଅନୁଷ୍ଠିତ ଆଫ୍ରିକା କପ୍ ଓ ନେସନ୍ସ ଫାଇନାଲ ମୁକାବିଲାରେ ଘଟିଥିବା ଅଭାବନୀୟ ଘଟଣାକୁ କେନ୍ଦ୍ର କରି ଏଭଳି ନୂଆ ନିୟମ ଲାଗୁ କରାଯାଇଛି । ଉକ୍ତ ମ୍ୟାଚ୍‌ରେ ମରକ୍‌କୋ ଦଳକୁ ରେଫରି ଏକ ପେନାଲ୍ଟି ପ୍ରଦାନ କରିବା ପ୍ରତିବାଦରେ ସେନେଗାଲ୍ ଦଳ ଗ୍ରାଉଣ୍ଡ ଛାଡି ଡ୍ରେସିଂରୁମ୍କୁ ଫେରି ଯାଇଥିଲା। ପରେ ପରେ ଦଳ ଗ୍ରାଉଣ୍ଡକୁ ଫେରିଥିଲା ଓ ମରକ୍‌କୋ ପକ୍ଷରୁ ବ୍ରାହିମ ଡାଏଜ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିବାରେ ବିଫଳ ହୋଇଥିଲେ । ୯୫ତମ ମିନିଟ୍‌ରେ ଗୋଲ୍ କରିଥିବା ସେନେଗାଲ୍ ଚାମ୍ପିଅନ୍ ହୋଇଥିଲା । ପରେ ଆଫ୍ରିକା ଫୁଟବଲ ମହାସଙ୍ଘ ଏହି ଘଟଣାର ତଦନ୍ତ କରି ସେନେଗାଲକୁ ଦଣ୍ଡିତ କରିଥିଲା । ମରକ୍‌କୋକୁ ୩-୦ ଗୋଲ୍‌ରେ ବିଜୟୀ ଘୋଷଣା କରାଯାଇଥିଲା ଓ ସେନେଗାଲ୍ ଠାରୁ ଟ୍ରଫି ଫେରାଇ ମରକ୍‌କୋକୁ ପ୍ରଦାନ କରାଯାଇଥିଲା ।

ସେହିପରି ଗତ ଫେବ୍ରୁଆରୀ ମାସରେ ଅନୁଷ୍ଠିତ ଚାମ୍ପିଅନ୍ସ ଲିଗ୍ ମ୍ୟାଚ୍‌ରେ ବେନଫିକା ପକ୍ଷରୁ ଖେଳୁଥିବା ଆର୍ଜେଣ୍ଟିନା ଖେଳାଳି ଗିଆନଲୁକା ପ୍ରେଷ୍ଟିଆନି ମୁହଁରେ ଜର୍ସି ଘୋଡାଇ ରିୟଲ ମାଦ୍ରିଦ ଫରୱାର୍ଡ ବ୍ରାଜିଲର ଭିନିସିୟସ ଜୁନିୟରଙ୍କୁ କିଛି କହିଥିଲେ । ତାଙ୍କ ବିପକ୍ଷରେ ଜାତିଗତ ଆକ୍ଷେପ କରିଥିବା ଭିନିସିୟସ ଜୁନିୟର ଅଭିଯୋଗ କରିଥିଲେ । ପ୍ରେଷ୍ଟିଆନିଙ୍କୁ ସଙ୍ଗେ ସଙ୍ଗେ ଗୋଟିଏ ମ୍ୟାଚ୍‌ରୁ ନିଲମ୍ବିତ କରାଯାଇଥିଲା । ପରେ ୟୁଇଏଫଏ ଏହି ଘଟଣାର ତଦନ୍ତ କରିବା ପରେ ପ୍ରେଷ୍ଟିଆନି ଦୋଷୀ ସାବ୍ୟସ୍ତ ହୋଇଥିଲେ । ଫଳ ସ୍ୱରୂପ ତାଙ୍କୁ ମୋଟ୍ ୬ଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ